Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 22+ Issue No:8+25 April 2026 (Saturday) + Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୮ +୨୫ ଏପ୍ରିଲ ୨୦୨୬ (ଶନିବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ଯୁଦ୍ଧ ଜାରି ରଖିବାକୁ ଟ୍ରମ୍ପଙ୍କ ପାଖରେ ସପ୍ତାହେ ସମୟ:

ମେ ୧ ପୂର୍ବରୁ କଂଗ୍ରେସର ଅନୁମୋଦନ ଆବଶ୍ୟକ

ୱାସିଂଟନ,୨୪/୪: ଇରାନ ସହିତ ଯୁଦ୍ଧ ଜାରି ରଖିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଖରେ ଆଉ ମାତ୍ର ୭ ଦିନ ସମୟ ବାକି ରହିଛି। ଆମେରିକା ସମ୍ବିଧାନ ଅନୁଯାୟୀ କୌଣସି ଯୁଦ୍ଧ ୬୦ ଦିନ ମଧ୍ୟରେ ଆମେରିକା କଂଗ୍ରେସର ଅନୁମୋଦନ ନେବାକୁ ପଡ଼ିବ। ମେ ୧ ତାରିଖ ପୂର୍ବରୁ ଟ୍ରମ୍ପଙ୍କୁ ଯୁଦ୍ଧ ଜାରି ରଖିବାକୁ ଆମେରିକା କଂଗ୍ରେସ (ଆମେରିକା ସଂସଦ)ରୁ ଅନୁମତି ନେବାକୁ ପଡ଼ିବ। ତେବେ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ସଂସଦର ସମ୍ମୁଖୀନ ହେବାକୁ ଚାହୁଁନାହାନ୍ତି। ୧୦୦ ସଦସ୍ୟ ବିଶିଷ୍ଟ ସିନେଟ୍‌ରେ ଟ୍ରମ୍ପଙ୍କର ୫୩ ସାଂସଦ ଅଛନ୍ତି। ବିରୋଧୀ କମଲା ହାରିସ୍‌ଙ୍କ ଡେମୋକ୍ରାଟିକ ପାର୍ଟିର ୪୭ ସାଂସଦ ଅଛନ୍ତି। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ୧୦ ସାଂସଦ ଯୁଦ୍ଧ ବିରୋଧରେ ସ୍ୱର ଉଠାଇ ସାରିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଡେମୋକ୍ରାଟ ଏକଜୁଟ ରହିବେ। ଏପରି ସ୍ଥିତିରେ ଟ୍ରମ୍ପ ୧ ତାରିଖ ସୁଦ୍ଧା ଯେପରି ହେଉ ଯୁଦ୍ଧ ଶେଷ କରିବାକୁ ଚାହିଁବେ। ଏହି ଆଇନରେ ୬୦ ଦିନ ପରେ ଆଉ ଏକ ବିକଳ୍ପ ରହିଛି। ରାଷ୍ଟ୍ରପତି ଏକାଥରକେ ୩୦ ଦିନ ପାଇଁ ଅତିରିକ୍ତ ସମୟ ନେଇପାରିବେ। କିନ୍ତୁ ଏହା କେବଳ ସୈନିକଙ୍କୁ ସୁରକ୍ଷିତ ଫେରାଇ ଆଣିବା ପାଇଁ ଉଦ୍ଦିଷ୍ଟ ହୋଇଥାଏ। ଯୁଦ୍ଧ ଜାରି ରଖିବା ପାଇଁ ଟ୍ରମ୍ପ ଏହି ବିକଳ୍ପ ବ୍ୟବହାର କରିପାରିବେ ନାହିଁ। ଅନ୍ୟପକ୍ଷରେ ଟ୍ରମ୍ପ ଏହି ନିୟମକୁ ଅଣଦେଖା କରିପାରନ୍ତି। ୨୦୧୧ରେ ଲିବ୍ୟା ଯୁଦ୍ଧରେ ତତ୍କାଳୀନ ରାଷ୍ଟ୍ରପତି ବାରାକ ଓବାମା ୬୦ ଦିନ ପରେ ବି ଯୁଦ୍ଧ ଜାରି ରଖିଥିଲେ। ସେଠାରେ ଲଗାତାର ଯୁଦ୍ଧ ସ୍ଥିତି ଲାଗି ରହିନଥିବାରୁ ଏହି ନିୟମ ଲାଗୁ ହେଉନାହିଁ ବୋଲି ଓବାମା ପ୍ରଶାସନ ଯୁକ୍ତି ରଖିଥିଲା। ତେବେ ଟ୍ରମ୍ପ କିନ୍ତୁ ୬୦ ଦିନ ସୀମାକୁ ଅଣଦେଖା କଲେ ଏହା ରିପବ୍ଲିକାନ ପାର୍ଟି ପାଇଁ ସମସ୍ୟା ସୃଷ୍ଟି ହେବ।

ଆଗୁଆ ଖରା ଛୁଟି ଘୋଷଣା :

୨୭ରୁ ବନ୍ଦ ରହିବ ରାଜ୍ୟର ସମସ୍ତ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ି

ଭୁବନେଶ୍ୱର,୨୪/୪(ନି/ପ୍ର): ଚଳିତ ବର୍ଷ ଆଗୁଆ ଖରା ଛୁଟି ଘୋଷଣା । ଆସନ୍ତା ୨୭ ତାରିଖରୁ ବନ୍ଦ ରହି ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଚାଲିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଗୁଆ ଖରାଛୁଟି ଘୋଷଣା କରିଛନ୍ତି । ପିଲାମାନଙ୍କ ସୁରକ୍ଷାକୁ ନଜରରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି ।ଏହି ନିଷ୍ପତି ଅନୁଯାୟୀ, ଏପ୍ରିଲ ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ। ତେବେ, ପୂର୍ବ ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା କାର୍ଯ୍ୟ ଓ ଅନ୍ୟାନ୍ୟ ଅଫିସ କାମ ପୂର୍ବପରି ଜାରି ରହିବ । ପୂର୍ବରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ସ୍କୁଲ ଛୁଟି ନେଇ ନିଷ୍ପତି ନେବାକୁ କୁହାଯାଇଥିଲା । ନିଜ ଜିଲ୍ଲାରେ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ କିଛି ଜିଲ୍ଲାପାଳ ସ୍କୁଲ ଛୁଟି ଘୋଷଣା କରିଥିଲେ । ପ୍ରଥମେ ତିନି ଦିନ ପରେ ସ୍କୁଲ ଛୁଟି ବଢ଼ାଇଥିଲେ । ହେଲେ ରାଜ୍ୟ ସରକାର ଆଜି ସମୂହିକ ଛୁଟି ଘୋଷଣା କରିଛନ୍ତି । ପ୍ରଚଣ୍ଡ ରୌଦ୍ର ତାପକୁ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବାକୁ ଏହି ନିଷ୍ପତି ନେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଆପକୁ ଝଟକା ; ବିଜେପିରେ ମିଶିବେ ରାଘବ ଚଢ଼ାଙ୍କ ସହ ୭ ସାଂସଦ

ନୂଆଦିଲ୍ଲୀ,୨୪/୪ :ରାଜ୍ୟସଭାରେ ଆମ ଆଦମୀ ପାର୍ଟିକୁ ଲାଗିଲା ବଡ଼ ଝଟକା। ଆପରୁ ୩ଜଣ ସାଂସଦ ଇସ୍ତଫା ଦେଇଥିବା ବେଳେ ଆଗକୁ ଆଉ ୪ଜଣ ଇସ୍ତଫା ଦେବେ ସୂଚନା। ସାଂସଦ ରାଘବ ଚଢ଼ାଙ୍କ ଉପରେ ଦଳୀୟ କାର୍ଯ୍ୟାନୁଷ୍ଠାନ ପରେ ନେଇ ସୂଚନା ଦେଇଛନ୍ତି ରାଘବ ଚଢ଼ା। ସାଂସଦ ସନ୍ଦୀପ ପାଠକ ଏବଂ ଅଶୋକ ମିତ୍ତଲଙ୍କ ସହ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ରାଘବ ଚଢ଼ା ନିଜର ଇସ୍ତଫା ଘୋଷଣା କରିଛନ୍ତି। ଶ୍ରୀ ଚଢା କହିଛନ୍ତି ଯେଉଁ ଆପ ଦଳ ପାଇଁ ରକ୍ତ ଓ ଝାଳ ବୁହାଇ ଯୌବନର ୧୫ବର୍ଷ ତ୍ୟାଗ କରିଛି ସେହି ଦଳ ତାର ନୀତି, ମୂଲ୍ୟବୋଧ ଏବଂ ମୂଳ ନୈତିକତାରୁ ବିଚ୍ୟୁତ ହୋଇଛି। ବର୍ତ୍ତମାନ ଏହି ଦଳ ରାଷ୍ଟ୍ର ସ୍ୱାର୍ଥରେ କାମ ନକରି ନିଜର ବ୍ୟକ୍ତିଗତ ଲାଭ ପାଇଁ କାମ କରୁଛି। ଗତ କିଛି ବର୍ଷ ଧରି, ମୁଁ ଅନୁଭବ କରୁଛି ଯେ ମୁଁ ଭୁଲ ଦଳରେ ଠିକ୍ ବ୍ୟକ୍ତି। ତେଣୁ ଆଜି ଆମେ ଦଳ ଛାଡୁଥିବା ନେଇ ଘୋଷଣା କରୁଛୁ। ଏହାସହ ରାଜ୍ୟସଭାରେ ଆପର ଦୁଇ ତୃତୀୟାଂଶ ସଦସ୍ୟ ଭାରତର ସମ୍ବିଧାନ ନିୟମ ଅନୁଯାୟୀ ଦଳ ଛାଡ଼ି ବିଜେପି ମିଶିବେ ବୋଲି କହିଛନ୍ତି। ରାଜ୍ୟସଭାରେ ଆପ ଦଳରୁ ଏବେ ୧୦ ଜଣ ସାଂସଦ ଅଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶରୁ ଅଧିକ ଆଜି ସକାଳେ ଆପ ଛାଡ଼ିବା ନେଇ ରାଜ୍ୟ ସଭା ଅଧକ୍ଷଙ୍କୁ ଦସ୍ତଖତ ପତ୍ର ଏବଂ ଦସ୍ତାବିଜ ଦାଖଲ କରିଥିବା ସେ କହିଛନ୍ତି। ଅନ୍ୟ ୪ଜଣ ସାଂସଦ ହେଲେ ହରଭଜନ ସିଂହ, ରାଜିନ୍ଦର ଗୁପ୍ତା, ବିକ୍ରମ ସାହାନି ଏବଂ ସ୍ୱାତୀ ମାଲିୱାଲ ଅଛନ୍ତି।

ନଦୀରେ ନୌକା ବିହାରର ମଜା ନେଲେ ପ୍ରଧାନମନ୍ତ୍ରୀ

କଲକାତା,୨୪/୪: ନଦୀରେ ନୌକା ବିହାରର ନେଲେ ମଜା। କ୍ୟାମେରାରେ କଏଦ କଲେ ଆଶ୍ଚର୍ଯ୍ୟଜନକ ଫଟୋ। ପ୍ରଧାନମନ୍ତ୍ରୀ ଆଜି ସକାଳେ କଲକାତାରେ ହୁଗୁଳୀ ନଦୀରେ ଡଙ୍ଗା ଯାତ୍ରା କରିଥିଲେ। ପ୍ରଧାନମନ୍ତ୍ରୀ ଏହି ଅଭିଜ୍ଞତାର ଫଟୋଗ୍ରାଫ୍ ମଧ୍ୟ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ଏହି ଫଟୋଗୁଡ଼ିକ ସହିତ, ପ୍ରଧାନମନ୍ତ୍ରୀ ଲେଖିଛନ୍ତି, "ହୁଗୁଳୀର ଆଉ କିଛି ଝଲକ। ଏହି ମହାନ ନଦୀରେ ନୌକା ବିହାର ସମୟରେ ମୁଁ ଫଟୋଗ୍ରାଫି କରିବାର ଅନୁଭବ ମଧ୍ୟ ନେଇଛି। ଏହା ସହିତ ମୁଁ ମୋ କ୍ୟାମେରାରେ ବିଦ୍ୟାସାଗର ସେତୁ ଏବଂ ହାଓଡା ବ୍ରିଜକୁ ନିକଟରୁ କଏଦ କରିଥିଲି।" ସୋସିଆଲ ମିଡିଆରେ ଡଙ୍ଗା ଯାତ୍ରାର ଫଟୋ ସେୟାର କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି: "ପ୍ରତ୍ୟେକ ବଙ୍ଗାଳୀଙ୍କ ହୃଦୟରେ ଗଙ୍ଗାର ଏକ ସ୍ୱତନ୍ତ୍ର ସ୍ଥାନ ଅଛି।

ଇସଲାମାବାଦର କୂଟନୈତିକ ପ୍ରକ୍ରିୟା ବିଫଳ

ଇସଲାମାବାଦ,୨୪/୪: ୱାସିଂଟନ ଓ ତେହେରାନ ମଧ୍ୟରେ ପାକିସ୍ତାନ ଦ୍ୱାରା ଆୟୋଜିତ ଶାନ୍ତି ଆଲୋଚନାର ବିଫଳତା ଏକ କଠୋର ବାସ୍ତବତାକୁ ସାମ୍ନାକୁ ଆଣିଛି। ଦୁଇ ପ୍ରତିପକ୍ଷଙ୍କ ମଧ୍ୟରେ ଥିବା ଦୂରତା ଏବେ ଏତେ ବୃଦ୍ଧି ପାଇଛି ଯେ କୌଣସି ମଧ୍ୟସ୍ଥି ପାଇଁ ଏହାକୁ ସମାଧାନ କରିବା ଅସମ୍ଭବ ହୋଇପଡ଼ିଛି। ପାକିସ୍ତାନ ସେନାମୁଖ୍ୟ ଜେନେରାଲ ଅସୀମ ମୁନିର ଇସଲାମାବାଦକୁ ଏକ ଗୁରୁତ୍ୱପୂର୍ଣ୍ଣ 'ମଧ୍ୟସ୍ଥି' ଭାବେ ଉପସ୍ଥାପିତ କରି ଏକ ବିଶ୍ୱସ୍ତରୀୟ ବିପତି ରୋକିବାକୁ ପ୍ରୟାସ କରିଥିଲେ। ତଥାପି, ଏହି ଆଲୋଚନା ଭୁଶୁଡ଼ି ପଡ଼ିବା ଦର୍ଶାଉଛି ଯେ ତେହେରାନ ଉପରେ ପାକିସ୍ତାନର ପ୍ରଭାବ ଅତ୍ୟନ୍ତ ସୀମିତ ଏବଂ ପାକିସ୍ତାନ ଭଳି 'ନିରପେକ୍ଷ ମଧ୍ୟସ୍ଥି'ଙ୍କ ଉପରେ ୱାସିଂଟନର ଧୈର୍ଯ୍ୟ ଏବେ ଶେଷ ହୋଇଛି। ଏହି କୂଟନୈତିକ ବିଫଳତା କେବଳ ମଧ୍ୟପ୍ରାଚ୍ୟକୁ ଏକ ପୂର୍ଣ୍ଣକାଳୀନ ଯୁଦ୍ଧ ଆଡ଼କୁ ଠେଲି ଦେଇନାହିଁ, ବରଂ ବିଶ୍ୱ ଦରବାରରେ ପାକିସ୍ତାନର ବିଶ୍ୱସନୀୟତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମାଲୋଚକମାନେ ଏବେ ପାକିସ୍ତାନର ଭୂମିକାକୁ ଶାନ୍ତି ପ୍ରତିଷ୍ଠାତା ନୁହେଁ, ବରଂ ନିଜର 'ଦ୍ୱୈତ ନୀତି'ରେ ଫସି ରହିଥିବା ଏକ ସୁଯୋଗବାଦୀ ରଣନୀତିକାର ଭାବେ ଦେଖୁଛନ୍ତି। ସ୍ଥାୟୀ ଅସ୍ତ୍ରବିରତିର ବଡ଼ ଆଶା ନେଇ ଆରମ୍ଭ ହୋଇଥିବା 'ଇସଲାମାବାଦ ପ୍ରକ୍ରିୟା' ଚଳିତ ସପ୍ତାହରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଆମେରିକାର ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଓ ଇରାନ ଅଧିକାରୀଙ୍କ ମଧ୍ୟରେ ଏକ ମୁହାଁମୁହିଁ ବୈଠକ କରାଇବା ପାଇଁ ଜେନେରାଲ ଅସୀମ ମୁନିରଙ୍କ ଘନଘନ ପ୍ରୟାସ ସେତେବେଳେ ବେକାର ହୋଇଗଲା, ଯେତେବେଳେ ଆମେରିକାର ନୌସେନା ଅବରୋଧକୁ ବିରୋଧ କରି ଇରାନ ଆଲୋଚନାରେ ଯୋଗଦେବାକୁ ମନା କରିଦେଲା। ଏହି ଘଟଣା ପାକିସ୍ତାନର କୂଟନୈତିକ ଦୁର୍ବଳତାକୁ ପ୍ରମାଣିତ କରିଛି, କାରଣ ଆଲୋଚନା ଜାରି ରଖିବା ପାଇଁ କୌଣସି ପକ୍ଷ ନିଜ ଜିଦ୍‌ରୁ ଓହରିବାକୁ ପ୍ରସ୍ତୁତ ନ ଥିଲେ। ଏହି ବିଫଳତାର ପ୍ରଭାବ ଅତ୍ୟନ୍ତ ତୀବ୍ର ହୋଇଛି। ୱାସିଂଟନର ସାଂସଦମାନେ ପାକିସ୍ତାନର ନିରପେକ୍ଷତା ଉପରେ ସନ୍ଦେହ ପ୍ରକଟ କରିଛନ୍ତି। ସେମାନଙ୍କ ମତରେ ପାକିସ୍ତାନ ଗୋଟିଏ ପଟେ ଆମେରିକାର ସାମରିକ ସହାୟତା ଓ ଅନ୍ୟପଟେ ଇରାନ ସହ ଥିବା ନିଜର ଭୌଗୋଳିକ ଓ ଐତିହାସିକ ସମ୍ପର୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରୁଛି। ପାକିସ୍ତାନର ଏହି କାର୍ଯ୍ୟଶୈଳୀ ଯୋଗୁଁ ଆମେରିକୀୟ ଅଧିକାରୀମାନେ ଏବେ ଦ୍ୱନ୍ଦ୍ୱରେ ଅଛନ୍ତି ଯେ, ଇସଲାମାବାଦ ପାଖରେ ଇରାନକୁ ସମାଧାନ ପାଇଁ ବାଧ୍ୟ କରିବାର କ୍ଷମତା କିମ୍ବା ଇଚ୍ଛାଶକ୍ତି ଅଛି କି ନାହିଁ। ଇସଲାମାବାଦରେ କୂଟନୀତି ବିଫଳ ହେବା ପରେ ସମୁଦ୍ରରେ ଆକ୍ରମଣାତ୍ମକ ମନୋଭାବ ବୃଦ୍ଧି ପାଇଛି। ଆମେରିକାର ଆର୍ଥିକ ଚାପର ପ୍ରତିଶୋଧ ନେବା ପାଇଁ ଇରାନ ହର୍ମୁଜ ପ୍ରଣାଳୀରେ ବିଶ୍ୱ ପରିବହନ ଜାହାଜଗୁଡ଼ିକୁ ଅଟକାଇବା ଆରମ୍ଭ କରିଛି।

ଇସ୍ରାଏଲ-ଆମେରିକା ଆକ୍ରମଣରେ ରକ୍ତାକ୍ତ ଇରାନର ସୁପ୍ରିମ୍ ଲିଡର:

କଟିଲା ଗୋଡ଼, ଜଳିଗଲା ଚେହେରା; ହେବ ପ୍ଲାଷ୍ଟିକ ସର୍ଜରୀ !

ନୂଆଦିଲ୍ଲୀ,୨୪।୪: ଇରାନର ସର୍ବୋଚ୍ଚ ନେତା ଅୟାତୁଲ୍ଲା ଅଲ୍ଲି ଖାମେନେଇଙ୍କ ମୃତ୍ୟୁ ପରେ ଦେଶର ଶାସନ ଭାର ଏବେ ତାଙ୍କ ପୁଅ ମୋଜତବା ଖାମେନେଇଙ୍କ ହାତରେ ରହିଛି ।କିନ୍ତୁ, କ୍ଷମତା ହାସଲ କରିବା ପରଠାରୁ ସେ ଥରଟିଏ ବି ସାର୍ବଜନୀନ ଭାବେ ସାମ୍ନାକୁ ଆସିନାହାନ୍ତି । ଏବେ ଏକ ଚଟଂଲ୍ୟକର ତଥ୍ୟ ସାମ୍ନାକୁ ଆସିଛି ଯେ, ଆମେରିକା ଓ ଇସ୍ରାଏଲର ଭୟଙ୍କର ଏୟାର ଷ୍ଟ୍ରାଇକରେ ମୋଜତବା ଏତେ ଗୁରୁତର ଭାବେ ଆହତ ହୋଇଛନ୍ତି ଯେ, ଦୁଇ ମାସ ପରେ ମଧ୍ୟ ସେ ସଂଘର୍ଷ ଜାରି ରଖିଛନ୍ତି । ରିପୋର୍ଟ ଅନୁଯାୟୀ, ଗତ ଫେବୃଆରୀ ୨୮ ତାରିଖରେ ଆମେରିକା ଏବଂ ଇସ୍ରାଏଲ ସେନା ପକ୍ଷରୁ ଅୟାତୁଲ୍ଲା ଅଲି ଖାମେନେଇଙ୍କ ବାସଭବନ ଓ କାର୍ଯ୍ୟାଳୟ ପରିସର ଉପରେ ପ୍ରବଳ ବୋମାମାଡ଼ କରାଯାଇଥିଲା । 'ନ୍ୟୁୟର୍କଟାଇମ୍ସ' ରିପୋର୍ଟ ମୁତାବକ, ଏହି ଆକ୍ରମଣ ସମୟରେ ମୋଜତବା ଖାମେନେଇ ସେଠାରେ ଉପସ୍ଥିତ ଥିଲେ ଏବଂ ବିସ୍ଫୋରଣର ଶିକାର ହୋଇଥିଲେ । ବର୍ତ୍ତମାନ ସେ ଏକ ଗୁପ୍ତ ସ୍ଥାନରେ ଲୁଚି ରହି ଚିକିତ୍ସିତ ହେଉଛନ୍ତି । ମୋଜତବାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଯେଉଁ ତଥ୍ୟ ଆସିଛି ତାହା ସ୍ତବ୍ଧ କରିଦେଲା ଭଳି । ଆକ୍ରମଣରେ ତାଙ୍କର ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ବର୍ତ୍ତମାନ ସୁଦ୍ଧା ସେହି ଗୋଡ଼ର ତିନିଥର ଅପରେସନ କରାଯାଇଛି । ଖୁବଶୀଘ୍ର ତାଙ୍କୁ ଏକ ଆର୍ଟିଫିସିଆଲ୍ ଲେଗ୍ ଅର୍ଥାତ୍ କୃତ୍ରିମ ଗୋଡ଼ ଲଗାଯିବାର ଯୋଜନା ରହିଛି ।

ପଶ୍ଚିମବଙ୍ଗରେ ହଟିବେ ଦିଦି, ଆସିବ ବିଜେପି-ଶାହ

କଲକାତା,୨୪/୪: ପଶ୍ଚିମବଙ୍ଗ ରେ ହଟିବେ ଦିଦି, ଆସିବ ବିଜେପି। ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟରେ ମତଦାନ ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ନେଇ ରାଜନୈତିକ ପରିବେଶ ଧୀରେ ଧୀରେ ତୀବ୍ର ହେବାରେ ଲାଗିଛି। ପ୍ରଥମ ପର୍ଯ୍ୟାୟରେ ରେକର୍ଡ ଭୋଟରଙ୍କ ମତଦାନ ନିର୍ବାଚନୀ ପ୍ରତିଯୋଗିତାକୁ ଆହୁରି ଆକର୍ଷଣୀୟ କରିଛି। ସମ୍ମିଳନୀ ସମୟରେ, ସେ ବଙ୍ଗଳାର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ, ଗତକାଲି ବଙ୍ଗଳାର ଜନସାଧାରଣ ପରିବର୍ତ୍ତନ ପାଇଁ ଭୋଟ ଦେଇଥିଲେ ଏବଂ ସେ ସେମାନଙ୍କ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରିଛନ୍ତି। ଅମିତ ଶାହ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ ହେବାକୁ ଯାଉଛି, ଦଳ ରାଜ୍ୟରେ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ପ୍ରସ୍ତୁତ। ୧୧୦ ସିଟରେ ବିଜେପି ବିଜୟ ହାସଲ କରିବା ନେଇ ଶାହ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅମିତ ଶାହ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ଲୋକମାନେ ରାଜ୍ୟର ଭବିଷ୍ୟତ ସ୍ଥିର କରିସାରିଛନ୍ତି। ଭୟରୁ ବିଶ୍ୱାସକୁ ଯାତ୍ରା ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଜାରି ରହିବ। ବିଜେପି ଅଧୀନରେ, ରାଜ୍ୟରେ ଗୋଟିଏ ବି ଗୁଣ୍ଡା ଦେଖାଯିବ ନାହିଁ। ଆମର ସରକାର ବଙ୍ଗଳାରେ 'ସିଣ୍ଡିକେଟ୍'କୁ ସମ୍ପୂର୍ଣ୍ଣ ଭାଙ୍ଗି ଦେବ। ଆମ ପ୍ରଶାସନ ଅଧୀନରେ, କୌଣସି 'ଭାଇ – ଭଣଜା କର' ରହିବ ନାହିଁ।

ଉପସାଗର ଜଳରାଶିରେ ପହଞ୍ଚିଲା ୟୁଏସ୍ଏସ୍ ଜର୍ଜ ଏଚଡବ୍ଲ୍ୟୁ ବୁଶ୍

ୱାସିଂଟନ,୨୪/୪: ଆମେରିକା ନୌସେନା ଏହାର ତୃତୀୟ ଯୁଦ୍ଧଜାହାଜ ୟୁଏସ୍ଏସ୍ ଜର୍ଜ ଏଚ୍‌ଡବ୍ଲ୍ୟୁ ବୁଶ୍ ଭାରତ ମହାସାଗରରେ ମୁତୟନ କରିଛି। ଏହାପୂର୍ବରୁ ୟୁଏସ୍ଏସ୍ ଜେରାଲ୍ଡ ଆର ଫୋର୍ଡ ଲୋହିତ ସାଗର ଓ ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ ମଧ୍ୟ ଏହି ଅଂଚଳରେ ମୁତୟନ ହୋଇଛି। ଆମେରିକା ସେନା ଗୁରୁବାର ୟୁଏସ୍ଏସ୍ ଜର୍ଜ ଏଚ୍‌ଡବ୍ଲ୍ୟୁ ବୁଶ୍ ମଧ୍ୟପ୍ରାଚ୍ୟକୁ ଆସିଥିବା ସ୍ପଷ୍ଟ କରିଥିଲା ।ଆମେରିକା ଓ ଇରାନ ମଧ୍ୟରେ ଦୁଇ ସପ୍ତାହ ଯୁଦ୍ଧବିରତି ଆମେରିକା ପକ୍ଷରୁ ବୃଦ୍ଧି କରାଯାଇଛି। ଅନ୍ୟପକ୍ଷରେ ଇସ୍ରାଏଲ ଓ ଲେବାନନ୍ ମଧ୍ୟରେ ୩ ସପ୍ତାହ ଯୁଦ୍ଧବିରତି ଘୋଷଣା ହୋଇଥିବା ହ୍ୱାଇଟ୍ ହାଉସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଘୋଷଣା କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଆମେରିକାରେ ଇସ୍ରାଏଲ ଓ ଲେବାନନ୍ ରାଷ୍ଟ୍ରଦୂତଙ୍କ ମଧ୍ୟରେ ଗତ ସପ୍ତାହରେ ଦ୍ୱିତୀୟ ବୈଠକ ବହୁତ ଭଲ ରହିଥିଲା, ତେବେ ସେମାନଙ୍କୁ ହିଜବୁଲ୍ଲା ସମ୍ପର୍କ ଚିନ୍ତା କରିବାର ଅଛି। ଅନ୍ୟପକ୍ଷରେ ଇସ୍ରାଏଲରେ ଅବସ୍ଥାପିତ ଆମେରିକା ପ୍ରତିନିଧି ମାଇକ୍ ହକାବି କହିଛନ୍ତି ଯେ, ହିଜବୁଲ୍ଲା ଛୋଟ ପିଲା ପରି ପଥର ମାରୁଛି। ଇସ୍ରାଏଲ ଉପରେ ହିଜବୁଲ୍ଲା ଆକ୍ରମଣ ସମ୍ପର୍କରେ ସେ ଏହି ମତ ପ୍ରଦାନ କରିଛନ୍ତି।

ଓଲଟିଲା ବସ୍; ଅନେକ ଯାତ୍ରୀ ଆହତ

ନୀଳଗିରି,୨୪/୪(ନି/ପ୍ର): ବାଲେଶ୍ୱର-ଭୁବନେଶ୍ୱର ରାସ୍ତାର ସେରଗଡ଼ ଓଭର ବ୍ରିଜ ନିକଟରେ ଏକ ଯାତ୍ରୀବାହୀ ବସ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ବସର କାଚ ଭାଙ୍ଗି ସ୍ଥାନୀୟ ଲୋକେ ଯାତ୍ରୀଙ୍କୁ ଉଦ୍ଧାର କରୁଥିବା ବେଳେ ବହୁ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ଜଣେ ୫ ବର୍ଷର ଶିଶୁ ରହିଥିବା ସୂଚନା ମିଳିଛି। ବସଟି କଲକାତାରୁ କେରଳ ଯାଉଥିବା କୁହାଯାଇଛି। ଆହତମାନଙ୍କୁ ଖନ୍ତାପଡ଼ା ଓ ବାଲେଶ୍ୱର ମେଡ଼ିକାଲରେ ଭର୍ତି କରାଯାଇଛି। ଖବର ପାଇ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

ଓଡ଼ିଶାରେ ତାତିର ରାଜୁତି : ୪୪ ଡିଗ୍ରିରେ ଜଳୁଛି ଝାରସୁଗୁଡ଼ା ଓ ତାଳଚେର

ଭୁବନେଶ୍ୱର,୨୪/୪(ନି/ପ୍ର): ତତଲା ଝାଞ୍ଜିରେ ଦେହମୁଣ୍ଡ ପୋଡ଼ି ଦେବା ଭଳି ମନେ ହେଉଛି। ସକାଳ ୮ଟାରୁ ଜଳୁଛି ଓଡ଼ିଶା। ଗତକାଲିଠୁ ସ୍ଥିତି ଆଜି ଆହୁରି ଗମ୍ଭୀର। ଏପଟେ ଗତକାଲି ଝାରସୁଗୁଡ଼ା ୪୪.୬ ଡିଗ୍ରି ସହ ଦେଶର ସବୁଠୁ ଉତ୍ତପ୍ତ ସହର ଥିଲା। ଆଜି ୪୪ ଡିଗ୍ରି ସହ ଉତ୍ତପ୍ତ ସହରମାନଙ୍କ ମଧ୍ୟରେ ୪ର୍ଥ ସ୍ଥାନରେ ରହିଛି। ଏହି ସ୍ଥାନରେ ଆଜି ତାଳଚେର ନାଁ ମଧ୍ୟ ଯୋଡ଼ି ହୋଇଛି। ରାଜ୍ୟର ୨୪ ସହରର ଦିନ ତାପମାତ୍ରା ୪୦ ଡିଗ୍ରି ଅତିକ୍ରମ କରିଛି। ଦ୍ୱିପହରରେ ତାତିର ଏକ ଭୟଙ୍କର କର୍ଫ୍ୟୁ କବଳକୁ ଚାଲି ଆସୁଛି ପୂରା ଓଡ଼ିଶା। ଦେଶରେ ଉତ୍ତପ୍ତ ସହର ତାଲିକାର ପ୍ରଥମ ୧୦ ମଧ୍ୟରେ ଓଡ଼ିଶାର ୬ ସହର ରହିଛି। ୫ମ ସ୍ଥାନରେ ଥିଲା ଟିଟିଲାଗଡ଼। ଏଠାରେ ୪୩.୮ ଡିଗ୍ରି ତାପମାତ୍ରା ରହିଥିଲା। ଢେଙ୍କାନାଳ ଓ ଅନୁଗୁଳ ୪୩.୫ ଡିଗ୍ରି ତାପମାତ୍ରା ସହ ଷଷ୍ଠ ସ୍ଥାନରେ ଏବଂ ହୀରାକୁଦ ୪୩.୪ ଡିଗ୍ରି ତାପମାତ୍ରା ସହ ଦେଶରେ ସପ୍ତମ ସ୍ଥାନରେ ରହିଛି। ଆଜି ସମ୍ବଲପୁର ଓ ପାରଳାଖେମୁଣ୍ଡିରେ ବି ୪୩ ଡିଗ୍ରି ରେକର୍ଡ ହୋଇଛି। ପ୍ରଚଣ୍ଡ ଖରା ସାଙ୍ଗକୁ ତତଲା ଝାଞ୍ଜିରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିଜିଲ୍ଲା ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଆସନ୍ତାକାଲି ବି ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର, କେନ୍ଦୁଝର, ଅନୁଗୁଳ ଓ ଖୋର୍ଦ୍ଧା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରି ସତର୍କ କରାଇଛି ପାଣିପାଗ ବିଭାଗ। ବଲାଙ୍ଗୀର, ସମ୍ବଲପୁର ଓ କନ୍ଧମାଳରେ ଅତ୍ୟଧିକ ଗରମ ଯୋଗୁଁ ରାତି ତାପମାତ୍ରା ଉତପ୍ତ ରହିବ। ଏଣୁ ଏହି ତିନି ଜିଲ୍ଲା ପାଇଁ ରାତିରେ ବି ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ କ୍ରମାଗତ ଭାବେ ପ୍ରବାହିତ ଶୁଷ୍କ ଉତର-ପଶ୍ଚିମ ବାୟୁ ଯୋଗୁଁ ରାଜ୍ୟରେ ତାପମାତ୍ରା କ୍ରମଶଃ ବୃଦ୍ଧି ପାଉଛି। ଅଭ୍ୟନ୍ତରୀଣ ଓଡ଼ିଶାରେ କେନ୍ଦ୍ରୀୟ ଭାରତର ସମତଳ ଅଂଚଳରୁ ଆସୁଥିବା ଗରମ ବାୟୁର ପ୍ରଭାବ ରହିଥିବା ବେଳେ ଉପକୂଳବର୍ତୀ ଅଂଚଳରେ ଦକ୍ଷିଣ-ଦକ୍ଷିଣ ପଶ୍ଚିମ ବାୟୁ ପ୍ରଭାବରେ ଅଧିକ ଜଳୀୟବାଷ୍ପ ଆସୁଛି। ଫଳରେ 'ହିଟ୍ ଇଣ୍ଡେକ୍ସ' ବୃଦ୍ଧି ପାଇ ଅସହ୍ୟ ଗୁଳୁଗୁଳି ସୃଷ୍ଟି ହେବ। ଚଳିତ ସପ୍ତାହରେ ସର୍ବୋଚ୍ଚ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବ, ଯାହାକି ଏପ୍ରିଲ ମଧ୍ୟଭାଗର ସ୍ୱାଭାବିକ ତାପମାତ୍ରାଠାରୁ ୩ରୁ ୫ ଡିଗ୍ରି ପର୍ଯ୍ୟନ୍ତ ଅଧିକ। ବର୍ଷାର ସମ୍ଭାବନା ଆଦୌ ନାହିଁ। ବାୟୁମଣ୍ଡଳୀୟ ସ୍ଥିରତା ଯୋଗୁଁ ଆଗାମୀ ୫ ଦିନ ପର୍ଯ୍ୟନ୍ତ କାଳବୈଶାଖୀର ଆଶଙ୍କା ୫%ରୁ କମ୍ ରହିବ। ଇସିଏମ୍‌ଡବ୍ଲୁଏଫ୍ ଓ ଜିଏଫ୍ଏସ୍ ମଡେଲ ଅନୁଯାୟୀ ବଙ୍ଗୋପସାଗର ଉପରେ ଏକ ଶକ୍ତିଶାଳୀ ପ୍ରତି-ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି, ଯାହାକି ବାୟୁମଣ୍ଡଳରେ ବାଷ୍ପୀଭବନକୁ ରୋକିବା ସହ ବର୍ଷା ପ୍ରକ୍ରିୟାକୁ ବାଧାପ୍ରାପ୍ତ କରୁଛି। ଆଇଏମ୍‌ଡି ବିଶ୍ଳେଷଣ ଅନୁଯାୟୀ ଏକ 'ସବ୍-ଟ୍ରପିକାଲ୍ ରିଜ୍' କେନ୍ଦ୍ରୀୟ ଓ ପୂର୍ବ ଭାରତ ଉପରେ ରହିଛି। ଏହା ପଶ୍ଚିମା ଝଡ଼କୁ ଓଡ଼ିଶା ଆଡ଼କୁ ଆସିବାରୁ ରୋକିବା ସହ ଶୁଷ୍କ ପାଣିପାଗ ବଜାୟ ରଖୁଛି। ପ୍ରଶାନ୍ତ ମହାସାଗରରେ ଏଲ୍-ନିନୋ ବର୍ତମାନ 'ନ୍ୟୁଟ୍ରାଲ' ବା ସ୍ଥିର ଅବସ୍ଥାରେ ରହିଛି। ଏପ୍ରିଲ ମାସରେ ଏହା ସାଧାରଣତଃ ମହାଦେଶୀୟ ତାପମାତ୍ରା ବୃଦ୍ଧିରେ ସହାୟକ ହୋଇଥାଏ। ଆସନ୍ତା ସପ୍ତାହକ ଯାଏ ଆଭ୍ୟନ୍ତରୀଣ ଓଡ଼ିଶା ତାପମାତ୍ରା ୪୨ ଡିଗ୍ରିରୁ ଅଧିକ ରହିବ। ଝାରସୁଗୁଡ଼ା ଓ ସମ୍ବଲପୁରରେ ୪୫ ଡିଗ୍ରି ଛୁଇଁବାର ସମ୍ଭାବନା ରହିଛି। ଉପକୂଳ ଓଡ଼ିଶାର ତାପମାତ୍ରା ୩୭ରୁ ୩୯ ଡିଗ୍ରି ମଧ୍ୟରେ ରହିବ। କିନ୍ତୁ ୭୫% ଆର୍ଦ୍ରତା ଯୋଗୁଁ ଅନୁଭୂତ ହେଉଥିବା ତାପମାତ୍ରା ପ୍ରାୟ ୪୮ ଡିଗ୍ରି ପରି ମନେହେବ, ଯାହା ଶରୀର ପାଇଁ ବିପଜ୍ଜନକ। ଭୁବନେଶ୍ୱର ଓ କଟକରେ ଏପ୍ରିଲ ୧୯ ସୁଦ୍ଧା ତାପମାତ୍ରା ୪୧ ଡିଗ୍ରି ଛୁଇଁପାରେ ବୋଲି ସେ ଆକଳନ କରିଛନ୍ତି।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଶ୍ରମିକ ସଚେତନତା ଶିବିର

କେନ୍ଦୁଝର,୨୪/୪(ନି/ପ୍ର): କେନ୍ଦୁଝର ଜିଲ୍ଲା ଶ୍ରମ ବିଭାଗ ଏବଂ ବ୍ଲକ ପ୍ରଶାସନ ମିଳିତ ଆନୁକୂଲ୍ୟରେ ହରିଚନ୍ଦନପୁର ବ୍ଲକ ଶଗଡପଟା ଗ୍ରାମ ପଂଚାୟତ ଅନ୍ତର୍ଗତ ବିଲା ଗାଁରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୮୮ଜଣ ଯୋଗ ଦେଇଥିଲେ । ଏଥିମଧ୍ୟରୁ ୯୮ଜଣ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକ,ଅଣ ସଂଗଠିତ କାର୍ଯ୍ୟରେ ନିୟୋଜିତ ୬୪ଜଣ ଶ୍ରମିକ,୬୦ ବର୍ଷରୁ ଉର୍ଦ୍ଧ୍ୱ ୧୨ଜଣ ଏବଂ ୧୭ଜଣ ଅଣଶ୍ରମିକ ଉପସ୍ଥିତ ଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ୟାମ୍ପରେ ସହକାରୀ ଶ୍ରମ ଅଧିକାରୀ ସୁଚିସ୍ମିତା ପାଣିଗ୍ରାହୀ ୧୪ଜଣ ନିର୍ମାଣ ଶ୍ରମିକଙ୍କୁ ଲେବର କାର୍ଡ ବଂଟନ କରିଥିଲେ ଏବଂ ଅନ୍ୟ ଯୋଗ୍ୟ ଶ୍ରମିକମାନଙ୍କୁ ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧିନରେ ପଞ୍ଜିକରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ୭୦ଜଣଙ୍କୁ ଜବକାର୍ଡ ପ୍ରଦାନ କରାଯାଇଥିଲା । ଏଥିସହିତ ଶ୍ରମିକମାନଙ୍କୁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯାଇଥିଲା । ନିଯୁକ୍ତିଦାତାମାନଙ୍କୁ ଗ୍ରୀଷ୍ମପ୍ରବାହ ସମୟରେ କାର୍ଯ୍ୟ ସମୟକୁ ପରିବର୍ତ୍ତନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ କାମ ନ କରିବାକୁ ସଚେତନ କରାଯାଇଥିଲା । ନିର୍ମାଣଧିନ ସ୍ଥାନରେ ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା,ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା ଏବଂ ଓଆରଏସ୍ ପ୍ୟାକେଟର ବ୍ୟବସ୍ଥା କରିବାକୁ କୁହାଯାଇଥିଲା । ସଚେତନତା କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ବିଷୟରେ ଅବଗତ କରାଯାଇଥିଲା । ଶିଶୁ ଶ୍ରମିକ ନିରୋଧ ଆଇନ ଏବଂ ଏଥିରେ ଥିବା ଦଣ୍ଡବିଧାନ,ପ୍ରବାସୀ ଶ୍ରମିକମାନଙ୍କୁ ପଂଚାୟତସ୍ତରରେ ପଞ୍ଜିକରଣ ବାବଦରେ ଅବଗତ କରାଯାଇଥିଲା । ବିଶେଷ କରି ବାହାର ରାଜ୍ୟକୁ କାମ କରିବାକୁ ଯାଉଥିବା ଶ୍ରମିକମାନେ ପଂଚାୟତସ୍ତରରେ ସ୍ୱେଚ୍ଛାକୃତ ଭାବେ ପଞ୍ଜିକରଣ କରି କେଉଁ ସ୍ଥାନକୁ ଏବଂ କେଉଁ ଠିକାଦାରଙ୍କ ଦ୍ୱାରା କାମ କରିବାକୁ ଯାଉଛନ୍ତି ତାହାର ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ କୁହାଯାଇଥିଲା । ଏହା ମୁଖ୍ୟତଃ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ଏବଂ ସରକାରୀ ସୁବିଧା ସହିତ ଯୋଡିବା ପାଇଁ କରାଯାଇଥାଏ । ଶ୍ରମିକମାନେ ନିଜ ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଉପଲବ୍ଧ ଫର୍ମପୂରଣ କରି ଅଫ୍‌ଲାଇନରେ ପଞ୍ଜିକରଣ କରିପାରିବେ ।

ଗନ୍ଧାରିଆରେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

କେନ୍ଦୁଝର,୨୪/୪(ନି/ପ୍ର): କେନ୍ଦୁଝରଗଡ଼ ୱାର୍ଡ ନଂ ୨୧ରେ ୧୫ ଠାରୁ ଆରମ୍ଭ ହୋଇଥିବା ଷୋହଳପ୍ରହର ନାମଯଜ୍ଞ ଆଜି ଉଦଯାପିତ ହୋଇଛି। ଦୀର୍ଘ ଚାରିଦିନ ଧରି ଚାଲିଥିବା ଏହି ନାମଯଜ୍ଞରେ କେନ୍ଦୁଝର ଜିଲ୍ଲାରୁ କାଳିମାଟି, କାଣ୍ଡଶର, ଛେମୁଣ୍ଡିବିଲ, ବଡକମଣ୍ଡରା ଦଳ ଭାଗ ନେଇଥିଲେ। ପୂଜକ ଶଶଧର ମିଶ୍ରଙ୍କ ସାଥିରେ ଅନୁଷ୍ଠାନର କର୍ମକର୍ତ୍ତା ସର୍ବଶ୍ରୀ ଧାମା ମାଝୀ, ଉମାକାନ୍ତ ବେହେରା, ଗୋପାଳ ଚନ୍ଦ୍ର ପାତ୍ର, ଗୋପାଳ ଚନ୍ଦ୍ର ସେଠି, ବସନ୍ତ ପାତ୍ର, ଭାସ୍କର ପାତ୍ର, ତରଣୀସେନ ପାତ୍ର, କୈଳାଶ ଚନ୍ଦ୍ର ଦାସ, ଧନେଶ୍ୱର ମହାନ୍ତ, ତରୁଣ ପାତ୍ର, ବିଜୟ ମହାରଣା, କାଳିଚରଣ ସାହୁ.ରମେଶ ପାତ୍ର ଶରତ ଚନ୍ଦ୍ର ଭୋଇ ଓ ରମେଶ ଚନ୍ଦ୍ର ପାତ୍ର ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ସର୍ବଶ୍ରୀ ଶିବପ୍ରସାଦ ମହାନ୍ତ, ତ୍ରିଲୋଚନ ସାହୁ, ସ୍ମୃତିସାଗର ଶୁଭପ୍ରକାଶ କର୍ତ୍ତା ଭାବରେ ନିଷ୍ଠାର ସହିତ ତାଙ୍କ କାର୍ଯ୍ୟ କରିଥିଲେ।

ସରକାରୀ ମହିଳା ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଧରିତ୍ରୀ ଦିବସ

କେନ୍ଦୁଝର,୨୪/୪(ନି/ପ୍ର): ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଧରିତ୍ରୀ ଦିବସ ଅଧକ୍ଷ ପ୍ରଫେସର ଡକ୍ଟର ଲଳିତ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀ ଯୋଗଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡକ୍ଟର ଚିନ୍ମରଞ୍ଜନ ସାହୁ, ଶିକ୍ଷା ଅଧିକାରୀ ଡକ୍ଟର ବିଷ୍ଣୁ ଚରଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମାନବକୃତ ଅସନ୍ତୁଳିତ ପରିବେଶ ଓ ବିଶ୍ୱ ତାପନ ବିଷୟରେ ଆଲୋଚନା କରାଯାଇଥିଲା ପରିବେଶର ସୁରକ୍ଷା ପାଇଁ ସମସ୍ତଙ୍କୁ ଗଛ ଲଗାଇବା ଓ ତାହାକୁ ବଚାଂଇ ବଡ଼ କରିବା ଏକ ମାତ୍ର ଉପାୟ ବୋଲି ମତ ପ୍ରକାଶ ପାଇଥିଲା । ଗଛ ରହିଲେ ଜୀବଜଗତ ରହିବ ବର୍ଦ୍ଧିତ ଜନସଂଖ୍ୟା ଓ ଶିଳ୍ପ ଅଭିବୃଦ୍ଧି ସହ ଯାନବାହାନ ବୃଦ୍ଧି ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ବୋଲି ସେ କହିଥିଲେ। ପରେ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଅଧ୍ୟାପିକା ସୌମିତା ଦୀକ୍ଷିତ ଅନ୍ତର୍ଜାତୀୟ ଧରିତ୍ରୀ ଦିବସ ଉପଲକ୍ଷେ ସମସ୍ତ ଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ପରିବେଶ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ଓ ଆମ ପୃଥିବୀ ଆମ ଶକ୍ତି , ଆମେ ମିଳିମିଶି ପରିବେଶ ପ୍ରଦୂଷଣକୁ ରୋକିବା ସମ୍ପର୍କିତ ଶପଥ ପାଠ କରାଇଥିଲେ। ପରିବେଶରେ କର୍ବନ ଏମିଶନ କୁ କମାଇବା, ସୌରଶକ୍ତିର ବ୍ୟବହାର କରିବା, ପାରମ୍ପରିକ ଶକ୍ତି ବ୍ୟବହାରକୁ କମାଇବା ଆଦି ଉପରେ ବିସ୍ତୃତ ଆଲୋଚନା କରା ଯାଇଥିଲା। ଶେଷରେ ଶ୍ରୀ ରଜତ କୁମାର ପାଢ଼ୀଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦୁଝର,୨୪/୪(ନି/ପ୍ର): କେନ୍ଦୁଝରଠାରେ ଜିଲ୍ଲାସ୍ତରୀୟ ଧରଣୀଧର ଜୟନ୍ତୀ ଆୟୋଜନର ବିଭିନ୍ନ ବ୍ୟବସ୍ଥା ସମୀକ୍ଷା କରିବା ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ କ୍ଷୁଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝରର ଅଧ୍ୟକ୍ଷା ଶ୍ରୀମତୀ ମମିତା ନାଏକ ଯୋଗଦେଇଥିବା ବେଳେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର, ଭୂୟାଁ ସାଂସ୍କୃତିକ ସଙ୍ଘର ସମ୍ପାଦକ ଶ୍ୟାମସୁନ୍ଦର ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।୫ ମଇ, ୨୦୨୬ ରେ କେନ୍ଦୁଝର ଜିଲ୍ଲା ଅଡିଟୋରିୟମ୍ ଠାରେ ଜିଲ୍ଲାସ୍ତରୀୟ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ପାଳନ କରାଯିବା ସହ ଜିଲ୍ଲାର ଅନ୍ୟ ସମସ୍ତ ସ୍ଥାନରେ ମଧ୍ୟ ସମାନ୍ତରାଳ ଭାବେ ଜୟନ୍ତୀ ଉତ୍ସବ ଧୂମଧାମରେ ପାଳନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଜୟନ୍ତୀ ସମାରୋହର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଭାଗ ମଧ୍ୟରେ ସମନ୍ୱୟ ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଭଳି ପ୍ରମୁଖ ଦିଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ପ୍ରମୁଖ ବିଷୟବସ୍ତୁ ମଧ୍ୟରେ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ଓ ଉତ୍କୃଷ୍ଟତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।ଏହି ଉତ୍ସବର ଗୁରୁତ୍ୱ ସହିତ ମର୍ଯ୍ୟାଦାପୂର୍ଣ୍ଣ ଏବଂ ସୁସମନ୍ୱିତ ଢଙ୍ଗରେ ଉତ୍ସବ ପାଳନ ସୁନିଶ୍ଚିତ କରିବା ଉପରେ ଆଲୋଚନା କରାଯାଇଥିଲା। ଜୟନ୍ତୀର ସଫଳ ଆୟୋଜନା ପାଇଁ ପୂର୍ବରୁ ସମସ୍ତ ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଥିଲା।

ଶାନ୍ତିଲତା ଥିଲେ ବହୁମୁଖୀ ପ୍ରତିଭାର ଅଧିକାରିଣୀ

ଭଦ୍ରକ,୨୪/୪(ନି/ପ୍ର): କବି ଶାନ୍ତିଲତା ବାରିକ ଜଣେ ବହୁ ବର୍ଣ୍ଣ ପ୍ରତିଭାର ଅଧିକାରିଣୀ ଥିଲେ। କବିତା ଲେଖିବା ସହିତ ସମାଜସେବାରେ ବ୍ରତୀ ଶାନ୍ତିଲତା ଜଣେ କଳାପ୍ରେମୀ ଓ ଉତମ ସଂଗଠିକା ଥିଲେ। ତାଙ୍କର ମୁହଁ ସବୁବେଳେ ହସ ହସ ଥିଲା। ଗାନ୍ଧୀବାଦରେ ବିଶ୍ୱାସ ରଖୁଥିବା ଜଣେ ବ୍ୟକ୍ତିତ୍ୱ । ଜଣେ ଅନୁଷ୍ଠାନ ପ୍ରେମୀ ଓ ପରୋପକାରୀ ମହିଳା ଭାବେ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ସ୍ତମ୍ଭକାର ବାସୁଦେବ ବାରିକଙ୍କ ସଭାପତିତ୍ୱରେ ଶାନ୍ତିଲତା ସ୍ମୃତି କମିଟି ପକ୍ଷରୁ ଆରଡ଼ିଛକସ୍ଥିତ ପ୍ରେମ ନଗରରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. ବ୍ରଜମୋହନ ମିଶ୍ର, ମୁଖ୍ୟବକ୍ତା ପବିତ୍ର ପାଣିଗ୍ରାହୀ, ସମ୍ମାନିତ ବକ୍ତା ଡ. ଭାଗବତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତାଃ ଶାନ୍ତିଲତା ଏକ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସମସ୍ତଙ୍କୁ ନିଜର କରିପାରିବାର ଏକ ସ୍ୱତନ୍ତ୍ର କଳା ତାଙ୍କୁ ଜଣା ଥିଲା । ସେହି ସୂତ୍ରରେ ସେ ଅନେକଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲେ । ଭଦ୍ରକର ପ୍ରାୟ ପ୍ରତ୍ୟେକ ଅନୁଷ୍ଠାନ ସହିତ ସେ ଯୋଡ଼ିହୋଇ ରହିଥିବା ହେତୁ ଆଜି ତାଙ୍କ ମହାପ୍ରୟାଣର ୨ବର୍ଷ ପରେ ମଧ୍ୟ ସେ ସମସ୍ତଙ୍କ ମାନସପଟ୍ଟରେ ଆଜି ବି ଜୀବିତ ବୋଲି ଉଲ୍ଲେଖ କରିଥିଲେ । ଏହି ଅବସରରେ କବୟିତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କୁ 'ପ୍ରଥମ ଶାନ୍ତିଲତା ନାଗ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା । କବୟିତ୍ରୀ ସଂଯୁକ୍ତା ବଳଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଶାନ୍ତିଲତା ବାରିକ, ଗୌରାଙ୍ଗ ବାରିକ, ଅମର ପାଣିଗ୍ରାହୀ, ମନୋରମା ରାୟ, ଜାନକୀ ପାଢ଼ୀ, ବିପ୍ଳବ ହୋତା, ସନାତନ ଦାସ, ରମେଶ ଚନ୍ଦ୍ର ଦାସ, କାଳନ୍ଦୀ ମଲ୍ଲିକ, କବି ଗୋକୁଳାନନ୍ଦ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । କବି ଚୈତାଳୀ ଖିଲାର ମଂଚ ଆମନ୍ତ୍ରଣ କରିଥିବା ବେଳେ, ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ଓ ଉପେନ୍ଦ୍ର କୁମାର ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଶାନ୍ତନୁ ରାଉତ, ରମାକାନ୍ତ ମଣ୍ଡଳ, ସୁଧାକର ରାଉତ, ନିର୍ମଳ ରାଉତ, ଗିରିଧାରୀ ନାଥ ଓ ରୂପକ ବିହାରୀ ରାୟ ପ୍ରମୁଖ ସ୍ୱର୍ଗତାଃ ନାଗଙ୍କର ସ୍ମୃତିଚାରଣ କରିଥିଲେ । କୈଳାସ ଚନ୍ଦ୍ର ପଣ୍ଡା, ଅତିଶ କୁମାର ବେହେରା, ବିଚିତ୍ରାନନ୍ଦ ଦାସ, ପ୍ରଦୀପ ପଲ୍ଲାଇ, ରାଜେନ୍ଦ୍ର ବାରିକ ଓ ପରିବାର ସଦସ୍ୟ ଉତ୍ସବ ପରିଚାଳନା କରିଥିବା ବେଳେ, ପ୍ରଫୁଲ୍ଲ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଦୁଇ ଦିନିଆ ଅନୁଗୋଳ ଜିଲ୍ଲା ଗସ୍ତ

ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା

ଅନୁଗୋଳ,୨୪/୪ (ନି/ପ୍ର): ରାଜ୍ୟ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଦୁଇ ଦିନିଆ ଅନୁଗୋଳ ଜିଲ୍ଲା ଗସ୍ତ କରି ପ୍ରଥମ ଦିନରେ ବିଭିନ୍ନ ଜନହିତକର ଯୋଜନା ଓ ପ୍ରକଳ୍ପର କ୍ଷେତ୍ର ପରଦର୍ଶନ ସହ ସମୀକ୍ଷା କରିଛନ୍ତି। ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ପାନୀୟ ଜଳ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟକୁ ସେ ତଦାରଖ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍‌ତର ସଚିବଙ୍କ ଗସ୍ତ ସମୟରେ ଉପସ୍ଥିତ ରହି ସହଯୋଗ କରିଥିଲେ। ପୂର୍ବାହ୍ନରେ ବଁଅରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ଡଏଚଡ) ପରିଦର୍ଶନ କରି ମେଡିକାଲ କର୍ମଚାରୀଙ୍କ ରହିବା ପାଇଁ ନୂତନ କ୍ୱାର୍ଟର୍ସ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ଗୋତମରାସ୍ଥିତ ମେଗାଲିଫ୍ଟ ପ୍ରକଳ୍ପର 'ଇନଟେକ୍ ୱେଲ୍' (ଓଭସ୍ତବଳର ଡରକ୍ଷକ୍ଷ) କାର୍ଯ୍ୟର ସମୀକ୍ଷା କରି ଏହାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଦ୍ୱିପ୍ରହର ସମୟରେ କାର୍ଯ୍ୟ ବନ୍ଦ ରଖିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବଁଅରପାଳ ସେବାଶ୍ରମ ଏବଂ ହଷ୍ଟେଲ ପରିଦର୍ଶନ କରି ସେଠାକାର ପରିମଳ ବ୍ୟବସ୍ଥା ଓ ଉଗର ଅନୁଦାନରେ ପ୍ରଦାନ କରାଯାଉଥିବା ଖାଦ୍ୟ ଯୋଜନାର ପ୍ରଶଂସା କରିଛନ୍ତି। ସଚିବ ଆଲୁମିନିୟମ ପାର୍କ ପରିଦର୍ଶନ କରି 'ଗ/ଝ ଉଷବସ୍ତଙ୍କ ର୍‌ବଭରଙ୍ଗ ଚଙ୍ଗସ୍ତ. ଖସ୍ତୟ'ର ଉତ୍ପାଦନ ଓ ବଜାର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। କୁଲାଡ଼ଠାରେ ନୂତନ ଭାବେ ନିର୍ମିତ ଅତିରିକ୍ତ ଶ୍ରେଣୀ ଗୃହ ପରିଦର୍ଶନ କରି ଖେଳପଡ଼ିଆର ଉନ୍ନତିକରଣ ପାଇଁ ସେ ପରାମର୍ଶ ଦେଇଛନ୍ତି। ସେହିପରି 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର'ର କାର୍ଯ୍ୟ ଶୀଘ୍ରଶେଷ କରି ମେଡିକାଲ ଅଫିସରଙ୍କୁ ସେଠାରେ ଅବସ୍ଥାପିତ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତୁରଙ୍ଗ ପଚାଂୟତ କାର୍ଯ୍ୟାଳୟ ଭ୍ରମଣ କରି ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଝଏଏ) ଏବଂ 'ସୁଭଦ୍ରା' ଯୋଜନାର ହିତାଧିକାରୀଙ୍କ ସହ ସଚିବ ଆଲୋଚନା କରିଥିଲେ। ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ହିଡସିଂହ ଏବଂ ମାଙ୍କଡ଼ା ଜଳସେଚନ ପ୍ରକଳ୍ପର ସମୀକ୍ଷା କରିବା ସହ ଜିଲ୍ଲାର ଜଳକିଷ୍ଟ ଅଚଂଳରେ ତୁରନ୍ତ ଭୂତଳ ଜଳ ପୁନରୁଦ୍ଧାର କାର୍ଯ୍ୟକ୍ରମ ହାତକୁ ନେବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଶୌଚାଳୟ ଏବଂ ବିଦ୍ୟୁତ ସଂଯୋଗ ନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବଁଅରପାଳସ୍ଥିତ ଅନ୍ୱେଷା ହଷ୍ଟେଲରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବାକୁ ଉପସ୍ଥିତ ଟିପିସିଓଡିଏଲ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦନ୍ନ ମହନ୍ତ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ମଦନ ମୋହନ ପ୍ରଧାନ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଗୌରବମୟ ପ୍ରଧାନଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲା ସଡକ ସୁରକ୍ଷା କମିଟିର ମାସିକ ବୈଠକ ଅନୁଷ୍ଠିତ

ନୂଆପଡ଼ା,୨୪/୪(ନି/ପ୍ର): ଜିଲ୍ଲାପାଳ, ନୂଆପଡାଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡକ ସୁରକ୍ଷା କମିଟିର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥଲା । ବିଶେଷ କରି ଏକତା ଛକ ରେ ସୁଗମ ଟ୍ରାଫିକ ବ୍ୟବସ୍ଥା, ଭେରା ଛକ, ଗାୟତ୍ରୀ ମନ୍ଦିର ଛକ, ସିର୍ନୋଲ ଗ୍ରାମ ଛକ ମାନଙ୍କରେ ତଥା ଜିଲ୍ଲାର ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ରାଜପଥ ସହ ସଂଯୁକ୍ତ ହେଉଥିବା ରାସ୍ତାଗୁଡିକରେ ବେଗନିରୋଧକ ସ୍ଥାପନା, ଏକତା ଛକ, ରେଲୱେ ଫାଟକ ଆଦି ସ୍ଥାନମାନଙ୍କରେ ଅପେକ୍ଷାରତ ଯାତ୍ରୀ ମାନେ ଖରାତାପ ରୁ ରକ୍ଷା ପାଇବା ପାଇଁ ସେଡ ନିର୍ମାଣ, ଜାତୀୟ ରାଜପଥରେ ଯଥେଷ୍ଟ ପରିମାଣରେ ସଡକ ସୁରକ୍ଷା ସମ୍ବନ୍ଧୀୟ ସଂକେତ ଫଳକ ସ୍ଥାପନା, ବେଗନିରୋଧକ ନିର୍ମିତ ସ୍ଥାନମାନଙ୍କରେ ସ୍ୱଷ୍ଟ ଦୃଶ୍ୟମାନ ଧଳା ରଙ୍ଗ ଲେପନ, ଆବଶ୍ୟକ ସ୍ଥଳେ ରାସ୍ତା ମରାମତି ଆଦି କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ସ୍ଥାପନା ହେବାକୁ ଥିବା ୧୦ ଟି ହେଲମେଟ ହବ ଆସନ୍ତା ମେ ମାସ ୬ ତାରିଖରେ ଶୁଭାରମ୍ଭ ହେବ । ହେଲମେଟ ହବ ସମ୍ବନ୍ଧୀୟ ବିଶେଷ ବିବରଣୀ ଆସନ୍ତା ୨୮ ତାରିଖ ପରେ ଜଣା ପଡିବ । ଏଥିପାଇଁ ନୂଆପଡା ଷ୍ଟେଟ ବ୍ୟାଙ୍କ ର ମୁଖ୍ୟ ପରିଚାଳକ ୫୦ ଗୋଟି ହେଲମେଟ ଦାନ କରିଥିବାରୁ ଜିଲ୍ଲାପାଳ ତାଙ୍କୁ ବୈଠକରେ ସମ୍ମାନିତ କରିଥିଲେ । ସେହିପରି ଖରିଆର ରୋଡ଼ ର ମନୋଜ ଡାଗା ଓ ସଂଜୁ ସୋନିଙ୍କୁ ଗୁଡ଼ ସାମାରିଟାନ ହିସାବରେ ପ୍ରମାଣପତ୍ର, ଉପଢୌକନ ସହ ୨୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ଚେକ ଆକାରରେ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ବିନା ହେଲମେଟ ରେ ଦୁଇଚକିଆ ଗାଡିମାନଙ୍କୁ ପେଟ୍ରୋଲ। ନ ଦେବା ପାଇଁ ଜିଲ୍ଲାପାଳ ଶକ୍ତ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ର କର୍ମଚାରୀମାନେ ବାଧ୍ୟତାମୂଳକ ହେଲମେଟ ବ୍ୟବହାର କରିବେ ଏବଂ ଏହିମର୍ମରେ କାର୍ଯ୍ୟାଳୟ ମୂଖ୍ୟ ମାନେ ପ୍ରତିମାସରେ ଜିଲ୍ଲାପାଳଙ୍କୁ ଏକ ରିପୋର୍ଟ ଦାଖଲ କରିବେ । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ସଡକ ସୁରକ୍ଷା ନିୟମ ପାଳନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଅନାଥ ଯୁବତୀଙ୍କୁ ବିବାହ କରିଥିବାରୁ ସରକାରଙ୍କ ସହାୟତା ରାଶି ପ୍ରଦାନ

କେନ୍ଦ୍ରାପଡ଼ା,୨୪/୪(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଅସହାୟ ଯୁବତୀଙ୍କୁ ବିବାହ କରିଥିବାରୁ ଯଶୋଦା ଯୋଜନାରେ ଜିଲ୍ଲା ପ୍ରଶାସନ ତରଫରୁ ନବ ବିହାହିତ ଦମ୍ପତିଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ଗରଦପୁର ପଲ୍ଲିଶ୍ରୀ ମହିଳା ସମିତିରେ ରହୁଥିବା ଅସହାୟ ମହିଳା ଝୁମୁରୀ ଦାସଙ୍କୁ କାର୍ତିକ ଚନ୍ଦ୍ର ମିଶ୍ର ଏବଂ ଲକ୍ଷ୍ମୀ ଦାସଙ୍କୁ ଗୋଲେଖ ସାହୁ ବିବାହ କରିଥିବାରୁ ଯଶୋଦା ଯୋଜନାରେ ଏହି ଦୁଇ ଦମ୍ପତିଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଯଶୋଦା ଯୋଜନାରେ ଆର୍ଥିକ ରାଶି ପ୍ରଦାନ କରାଯାଇଛି। ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଉତ୍ସବରେ ଜିଲ୍ଲାପାଳ ରଘୁରାମ୍.ଆର୍. ଆଇ.ଆର୍, ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ବିଜୟ କୁମାର ସାହୁ, ପଲ୍ଲିଶ୍ରୀ ମହିଳା ସମିତିର ମୁଖ୍ୟ ଶ୍ରୀକାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ଏହି ଦମ୍ପତିଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି।

ଶ୍ରମ କୋଡ ପ୍ରତ୍ୟାହାର ଦାବିରେ ସିଟୁର ବିକ୍ଷୋଭ

ପୁରୀ,୨୪/୪(ନି/ପ୍ର): ଶ୍ରମ କୋଡ ପ୍ରତ୍ୟାହାର ଦାବିରେ ବୁଧବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମୋଦୀ ସରକାରଙ୍କ କର୍ପୋରେଟ ପ୍ରୀତି ମାଲିକ ସପକ୍ଷରେ ଶ୍ରମ୍ କୋଡ ଆଇନ ଶ୍ରମିକର ଅଧୀକାର ଅପହରଣ କଲେ । ଶ୍ରମିକ କର୍ମଚାରୀ ଦରମା ଇପିଏଫ ଇଏସ୍ଆଇ ଗ୍ରାଚୁଇଟ ମାଗିଲେ ଛଟେଇ ଧମକ । ଆନ୍ଦୋଳନ ପ୍ରତିବାଦ କଲେ ମିଥ୍ୟା ମାମଲାରେ ପୋଲିସ ଲଗାଇ ବାନ୍ଧିଛନ୍ତି। ଯାହା ଦିଲ୍ଲୀ ହରିୟାଣା ସମେତ ବିଭିନ୍ନ ସ୍ଥାନରେ ଶ୍ରମିମାନଙ୍କୁ ଗିରଦାରୀକୁ ନିନ୍ଦା କରିଛି ସିଟୁ । ଆଜି ପୁରୀ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରତିବାଦ କରି କୁହାଯାଇଛିଯେ ଠିକା ପ୍ରଥା ଶ୍ରମିକ ମାନଂକୁ କାମରେ ଲଗାଇ ଶ୍ରମ ଶୋଷଣ କରୁଛି ବିଜେପି ସରକାର। ଏବେ ଆଠ ଘଂଟା ରୁ ୧୨ଘଂଟା ଶ୍ରମ ଦିବସ ପାଇଁ ସରକାର ଘୋଷଣା କଲେ। ଦରମା ବଢ଼ିଲା ନାହିଁ। ଶ୍ରମ କୋର୍ଡ ରେ ଇପିଏଫ ଇଏସ୍ଆଇ ଶ୍ରମିକ ପାଇଁ ଇଚ୍ଛାଧୀନ ହେଲା। ଫଳରେ ସାମଜିକ ନିରାପତା ପାଇବେ ନାହିଁ ଶ୍ରମିକ। ଶ୍ରମ ଅଫିସ ତା ପାଇଁ କେବଳ ବୁଝାମଣା ଅଫିସ ଭାବେ କାର୍ଯ୍ୟ କରିବ। ଆଇନ ଗତ ଭାବେ ମାଲିକ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଏଣୁ ୮ଘଂଟିଆ ଶ୍ରମ ଦିବସ, ମାସିକ ମଜୁରୀ ୨୬ ହଜାର ଟଙ୍କା, ଖାଲି ଥିବା ପଦବୀ ରେ ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା, ଆଉଟ୍‌ସୋର୍ସି ପ୍ରଥା ଉଚ୍ଛେଦ, ଶ୍ରମ କୋର୍ଡ ପ୍ରତ୍ୟାହର, ଅଟୋ ଚାଳକ ପାଇଁ କଲ୍ୟାଣ ବୋର୍ଡ, ଚାଳକ ମାନଙ୍କ ଉପରେ ବେଆଇନ୍ ଜୋରିମାନା ବନ୍ଦ, ଦିଲ୍ଲୀ ହରିୟାଣା ରେ ଗିରଫ ଶ୍ରମିକ କର୍ମଚାରୀ ଙ୍କୁ ଖଲାସ ସହ ମିଥ୍ୟା ମକଦ୍ଦମା ପ୍ରତ୍ୟାହର, ପ୍ରବାସୀ ଶ୍ରମିକ ମାନଙ୍କୁ ଏଲପିଜି ସିଲିଣ୍ଡର ଯୋଗାଇବା ପାଇଁ ଦାବୀ ପତ୍ର ଜିଲ୍ଲା ପାଳଙ୍କ ମାଧ୍ୟମରେ ମୁଖ୍ୟ ମନ୍ତ୍ରୀ ଙ୍କୁ ଦିଆଯାଇଛି । ଏଥିରେ ସିଟୁ ପୁରୀ ଜିଲ୍ଲା ସମ୍ପାଦକ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ଟୁନା ନାୟକ, ସୁନୀଲ ମହାରଣା, ଟୁନା ବାରିକ, ପ୍ରମୁଖ ଡବଲ ଇଞ୍ଜିନ ସରକାର ଙ୍କ ଜନ ବିରୋଧୀ ଓ ଶ୍ରମିକ ବିରୋଧୀ ଆଇନକୁ ସମାଲୋଚନା କରିଥିଲେ।

ବିବିଧା

ରାଶିଫଳ

ମେଷ: ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

ବୃଷ: ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ବିଦେଶରୁ ଶୁଭଖବର ମିଳନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

ମିଥୁନ: ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

କର୍କଟ: ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ବାଧା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

ସିଂହ: ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

କନ୍ୟା: ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

ତୁଳା: ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

ବିଛା: ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

ଧନୁ: ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

ମକର: ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମସମ୍ପର୍କ ସୁଖମୟ ହେବ।

କୁମ୍ଭ: ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ବିଦେଶରୁ ଶୁଭଖବର ମିଳନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

ମୀନ: ଚାକିରିକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଦୂରସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

ଆଜିର ଦିନରେ

- ୧୮୭୭- ରୁଷ୍ ଅଟୋମାନ ସାମ୍ରାଜ୍ୟ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୮୯୮- ସ୍ପେନ୍ ଆମେରିକା ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୨୦- ପୋଲାଣ୍ଡ ସେନା ୟୁକ୍ରେନ୍ ଉପରେ ଆକ୍ରମଣ କଲା।
- ୧୯୫୪- ଅଷ୍ଟ୍ରେଲିଆ ସୋଭିଏତ୍ ସଂଘଠାରୁ ରାଜନୈତିକ ସମ୍ପର୍କ ଛିନ୍ନ କଲା।
- ୨୦୦୨- ଆର୍ଜେଣ୍ଟିନାରେ ବ୍ୟାଙ୍କଗୁଡ଼ିକୁ ଅନିଶ୍ଚିତ କାଳ ପାଇଁ ବନ୍ଦ କରି ଦିଆଗଲା।

ମଶାରୁ ରକ୍ଷା ପାଇବାର ନିଆରା ଉପାୟ

ମଶା ଦାଉରୁ ରକ୍ଷା ପାଇବା ଲାଗି ଲୋକେ ମଶାରି, ମଶାବତୀ, ଅଲଆଉଟ୍, ମସ୍କ୍ୟୁଟୋ ର୍‌ୟାକେଟ୍ ଆଦି ବ୍ୟବହାର କରନ୍ତି। ଏହି କ୍ରମରେ ହାଇଦ୍ରାବାଦର ଜଣେ ସିକ୍ୟୁରିଟି ଗାର୍ଡ ମଶାଦାଉରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଯାହା କରିଛନ୍ତି, ତାହା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ସିକ୍ୟୁରିଟି ଗାର୍ଡ ଜଣକ କାମ କରିବା ସମୟରେ ମଶାରି ଘୋଡ଼ି ହୋଇ ବସିଥିବାର ନଜର ଆସିଛନ୍ତି। ଏହି ଦୃଶ୍ୟ ଦେଖିବାକୁ ଯେତିକି ମଜାଦାର ଲାଗୁଛି, ତା'ଠୁ ଅଧିକ ଏହା ଚିନ୍ତାଜନକ। ତେବେ ଏଭଳି କରିବା ପଛରେ ବି କାରଣ ଅଛି। କାରଣ ବିଗତ କିଛି ମାସ ହେଲାଣି ସହରରେ ମଶାଙ୍କ ଉପଦ୍ରବ ବଢ଼ିଛି। ତେଣୁ ଗାର୍ଡ ଜଣକ ରାତିରେ ଡ୍ୟୁଟି ସମୟରେ ମଶାଠାରୁ ସୁରକ୍ଷିତ ରହିବା ପାଇଁ ସମ୍ପୂର୍ଣ୍ଣ ମଶାରି ଘୋଡ଼ି ହୋଇ ବସିଛନ୍ତି। ଅନ୍ୟପଟେ ମଶାଙ୍କ ସଂଖ୍ୟା ଏତେ ବେଶି ବଢ଼ିଛି ଯେ, ସାଧାରଣ ଉପାୟ ବି ଫଳପ୍ରଦ ସାବ୍ୟସ୍ତ ହେଉ ନ ଥିବା କୁହାଯାଉଛି। ସିକ୍ୟୁରିଟି ଗାର୍ଡଙ୍କର ଏଭଳି ଯୋଗାଡ଼ିଆ ବ୍ୟବସ୍ଥାକୁ ଲୋକେ ଦର୍ଶକ ସବୁଠୁ ଉଚ୍ଚକୋଟୀର ଯୋଗାଡ଼ିଆ ବ୍ୟବସ୍ଥା ବୋଲି କହିଛନ୍ତି। ତେବେ ଏହି ଘଟଣାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

କ୍ଷତିକାରକ ଷ୍ଟିକର୍ ଯୁକ୍ତ ଫଳ

ସାଧାରଣତଃ ଲୋକେ ବଜାରରେ ବିକ୍ରି ହେଉଥିବା ଫଳ ଓ ପନିପରିବାଗୁଡ଼ିକ ଆଣି ତାକୁ ଧୋଇ ବ୍ୟବହାର କରିଥାନ୍ତି। ତେବେ ଏହାକୁ କେବଳ ପାଣିରେ ଧୋଇବା ସୁରକ୍ଷିତ ନୁହେଁ। ଏବେ ବଜାରରେ ଷ୍ଟିକର୍ ଲାଗିଥିବା ଫଳ ତଥା ପନିପରିବା ବିକ୍ରି ହେଉଛି। ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇଥାଏ। ନିକଟରେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ପକ୍ଷରୁ ଫଳ ଓ ପନିପରିବା ଉପରେ ଲାଗିଥିବା ଷ୍ଟିକରକୁ ନେଇ ଏକ ଚେତାବନୀ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଏହି ଷ୍ଟିକରଗୁଡ଼ିକର ପଛପଟେ ବ୍ୟବହୃତ ଅଠାଜାତୀୟ ପଦାର୍ଥ ଖାଦ୍ୟ ଉପଯୋଗୀ ନୁହେଁ, ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ହୋଇପାରେ। ଷ୍ଟିକରରେ ଲାଗିଥିବା ଫଳ ଓ ପନିପରିବାକୁ ଭଲ ଭାବେ ପରିଷ୍କାର କରିବା ଦରକାର। ସେହିପରି ଫଳ ତଥା ପନିପରିବାରେ ଲାଗିଥିବା ଷ୍ଟିକର୍ ମୁଖ୍ୟତଃ ଖାଇବାଯୋଗ୍ୟ ନୁହେଁ। କାରଣ ଏଥିରେ ବ୍ୟବହୃତ ହେଉଥିବା ଅଠା ଅନେକ ସମୟରେ ସିନ୍ଥେଟିକ୍ ହୋଇଥାଏ। ଯାହାକି ପେଟରେ ପାଚନ ସମସ୍ୟା ସୃଷ୍ଟି କରିପାରେ। ଏହାବାଦ୍ ଷ୍ଟିକର୍ ତଳେ କୀଟନାଶକ ଏବଂ ମଇଳା ଜମା ହୋଇପାରେ। ଯାହାକୁ କେବଳ ଧୋଇଦେଲେ ଚାଲି ଯାଏ ନାହିଁ। ତେଣୁ ଏହି ଷ୍ଟିକରଯୁକ୍ତ ଫଳ ଓ ପନିପରିବାକୁ ଖାଇଲେ ଜୀବାଣୁ ଶରୀର ଭିତରକୁ ଯାଏ। ତେବେ ଖାଇବା ପୂର୍ବରୁ କେବଳ ଫଳ ଓ ପନିପରିବାକୁ ଧୋଇବା ଯଥେଷ୍ଟ ନୁହେଁ। ପ୍ରଥମେ ଫଳ ଓ ପରିବାରେ ଲାଗିଥିବା ଷ୍ଟିକରକୁ ବାହାର କରିବା ଦରକାର। ଷ୍ଟିକର୍ ବାହାରି ଯିବା ପରେ ତାକୁ ୨୦ରୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ଭଲ ଭାବେ ପାଣିରେ ଘଷି ସଫା କରିବା ଉଚିତ। ଯେଉଁଥିରେ ଅଠା ଓ ରାସାୟନିକ ତତ୍ତ୍ୱ ଦୂର ହେବ। ଏହାବାଦ୍ ପାଣିରେ ଏକ ଚାମଚ ବେକିଂ ସୋଡ଼ା ମିଶାଇ ଫଳ ତଥା ପରିବାକୁ ଧୋଇବା ଦ୍ୱାରା ରାସାୟନିକ ପଦାର୍ଥ ଛାଡ଼ିଯାଏ।

'କିଙ୍ଗ୍' ରିଲିଜ୍ ପୂର୍ବରୁ ଆୟ କଲା ୨୫୦ କୋଟି

ବଲିଉଡ୍‌ର କିଙ୍ଗ୍ ଖାନ୍ ଶାହାରୁଖ୍ ୨୦୨୩ ମସିହାରେ ଲଗାତାର ତିନୋଟି ହିଟ୍ ଫିଲ୍ମ ('ପଠାନ', 'ଜବାନ୍' ଓ 'ଡଙ୍କି') ଦେଇଥିଲେ। ସେବେଠାରୁ କିଙ୍ଗ୍ ଖାନଙ୍କ ପ୍ରଶଂସକମାନେ ତାଙ୍କ ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଏବେ ଶାହାରୁଖ୍ ପୁଣି ଥରେ ତାଙ୍କ ଆଗାମୀ ଫିଲ୍ମ 'କିଙ୍ଗ୍' ମାଧ୍ୟମରେ ପରଦାକୁ ଫେରୁଛନ୍ତି। ସିଦ୍ଧାର୍ଥ ଆନନ୍ଦ ଏହାର ନିର୍ଦ୍ଦେଶନା ଦେଉଛନ୍ତି। ଏହାର ବଜେଟ୍ ୪୦୦ କୋଟି ରହିଛି। ଇତିମଧ୍ୟରେ 'କିଙ୍ଗ୍'ର ଥିଏଟ୍ରିକାଲ ଡିଷ୍ଟ୍ରିବ୍ୟୁସନ୍ ରାଇଟ୍‌ସକୁ ବେଶ୍ ମୋଟା ଅଙ୍କରେ ବିକ୍ରି କରାଯାଉଥିବା ଜଣାପଡ଼ିଛି। ପେନ୍ ମାରୁଧର ବିତରଣ ସଂସ୍ଥା ଏହାର ଥିଏଟର ବିତରଣ ଅଧିକାରକୁ ୨୫୦ କୋଟିରେ କିଣିଛି। ପେନ୍ ମାରୁଧର ବିତରଣ ସଂସ୍ଥାର ଶାହାରୁଖଙ୍କ ଫିଲ୍ମ ସହିତ ଦୀର୍ଘ ଦିନର ସଂପର୍କ ରହିଛି। ପୂର୍ବରୁ ଏହା 'ଜବାନ', 'ଡଙ୍କି', 'ଜିରୋ', 'ବଦଲା' ଏବଂ 'ରଇସ୍' ଭଳି ଫିଲ୍ମର ଡିଷ୍ଟ୍ରିବ୍ୟୁସନ କରିଛି। 'କିଙ୍ଗ୍'ରେ ଶାହାରୁଖଙ୍କ ବ୍ୟତୀତ ସୁହାନା ଖାନ୍, ଅଭିଷେକ ବଚ୍ଚନ, ଅନିଲ କପୁର, ଅରଶଦ ବର୍ମା ପ୍ରମୁଖ ନଜର ଆସିବେ। ଏହାର କାହାଣୀ ଏକ ଭୟାନକ ଯାତ୍ରାରେ ବାହାରିଥିବା ଜଣେ ଗୁରୁ ଓ ଶିଷ୍ୟଙ୍କ କାହାଣୀ ଉପରେ ଆଧାରିତ। କେମିତି କଠିନ ପରିସ୍ଥିତିରେ ସେମାନେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି ତାକୁ ନେଇ ଫିଲ୍ମର କାହାଣୀ। ଏଥିରେ ଶାହାରୁଖ୍ ଡବଲ ରୋଲରେ ନଜର ଆସିବେ। ଖଳନାୟକ ଭୂମିକାରେ ଏଥିରେ ଅଭିଷେକ ବଚ୍ଚନ ନଜର ଆସିବେ। ଏହା ଆସନ୍ତା ଡିସେମ୍ବର ୨୪ରେ ରିଲିଜ୍ ହେବ।

ସଞ୍ଜୀବନୀ

କାନ କର୍କଟ

ବିଶୃଙ୍ଖଳିତ ଜୀବନଶୈଳୀ, ଚିନ୍ତା, ପ୍ରଦୂଷଣ ଆଦି କାରଣରୁ ଅଧୁନା କର୍କଟ ରୋଗ ନିରନ୍ତର ବୃଦ୍ଧି ପାଉଛି। ତନ୍ମଧ୍ୟରୁ କାନ କର୍କଟ ଏକ ବିରଳ କିନ୍ତୁ ଗମ୍ଭୀର ରୋଗ। ଏହା ବାହ୍ୟ କାନ, କାନ ଭିତରେ ବିକଶିତ ହୋଇପାରେ। ଅସ୍ୱାଭାବିକ କୋଷଗୁଡ଼ିକ ଦ୍ରୁତ ଗତିରେ ବୃଦ୍ଧି ପାଇ ଆଖପାଖ ଟିସୁକୁ କ୍ଷତି ପହଞ୍ଚାଏ। ଏହା ହାଡ଼ ଏବଂ ସ୍ନାୟୁକୁ ପ୍ରଭାବିତ କରିପାରେ। ତେଣୁ କାନ ଯନ୍ତ୍ରଣା, କାନରୁ ରକ୍ତ ପଡ଼ିବା ଆଦି ସମସ୍ୟା ଥିଲେ ଏହାକୁ ଅଣଦେଖା ନକରି ଶୀଘ୍ର ରୋଗ ଚିହ୍ନଟ କଲେ ଚିକିତ୍ସା ସହଜ ହୁଏ।

ଦୀର୍ଘ ସମୟ ଧରି ସଂକ୍ରମଣ, ସୂର୍ଯ୍ୟକିରଣର ଅତ୍ୟଧିକ ସଂସ୍ପର୍ଶ, ଚର୍ମ କର୍କଟ, ଧୂମପାନ କିମ୍ବା ଦୁର୍ବଳ ପ୍ରତିରକ୍ଷା ପ୍ରଣାଳୀ ଏହି ରୋଗର ମୁଖ୍ୟ କାରଣ। ଏହି ରୋଗର ପ୍ରାଥମିକ ଲକ୍ଷଣ ମଧ୍ୟରେ ଲଗାତାର କାନରୁ ପୂଜ ବାହାରିବା ଓ ଯନ୍ତ୍ରଣା, କାନ ବାହିଯାଉ ଏକ ଗଣ୍ଠି, ମୁହଁର ଗୋଟିଏ ପାର୍ଶ୍ୱରେ ନିସ୍ତେଜତା, ମୁଣ୍ଡ ବୁଲାଇବା ଆଦି ଅନ୍ତର୍ଭୁକ୍ତ। ଏପରି ଦୀର୍ଘ ସମୟ ଧରି ଲାଗି ରହିଲେ, ଇଏନ୍‌ଟି ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ। ରୋଗର ସ୍ଥିତି ଅନୁସାରେ ଚିକିତ୍ସା କରାଯାଏ। ଅସ୍ତ୍ରୋପଚାର, ରେଡିଓଥେରାପି ଏବଂ ଔଷଧ ସାହାଯ୍ୟରେ ଅନେକ ରୋଗୀ ସାଧାରଣ ଜୀବନକୁ ଫେରିଆସନ୍ତି।

ଘରୋଇ ଉପଚାର: ଅଣ୍ଟାଧରାର ଉପଚାର

- ଗଙ୍ଗଶିଉଳି ପତ୍ର ରସ ଦୁଇ ତୋଳାରେ ୧୫ଟି ଗୋଲମରିଚ ଚୂର୍ଣ୍ଣ ମିଶାଇ ଖାଇଲେ ଅଣ୍ଟାଧରା ଯନ୍ତ୍ରଣାରୁ ଆରାମ ମିଳିଥାଏ।
- ଖିଲ ଅଦିକୁ ରାଇତେଲର ଗୋଳାଇ ପୋଡ଼ି ପିଠା କରି ଖାଇ ପାରିବେ।
- ପସାରୁଣୀ ପତ୍ର ଓ ଇଷ୍ଟୁନା ଚାଉଳ କଣ୍ଢା କ୍ଷୀରରେ ଖିରି କରି ଖାଇବା ଦ୍ୱାରା ଅଣ୍ଟାଧରାରୁ ଆରାମ ମିଳେ।
- ଦଶମୂଳ କ୍ୱାଥ ବା ଶୁଣ୍ଠୀ କ୍ୱାଥରେ ଜଡ଼ାତେଲ ଏକ ତୋଳା ପାକକଲେ ସକଳ ପ୍ରକାର କଟିଶୂଳ ଶାନ୍ତ ହୁଏ। ଭଲ ହେବା ପର୍ଯ୍ୟନ୍ତ ଖାଇବେ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

ଆଞ୍ଜିଓପ୍ଲାଷ୍ଟି



ହାର୍ଟ ବା ହୃଦ୍‌ପିଣ୍ଡ ମଣିଷ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରର ପ୍ରତ୍ୟେକ ଅଙ୍ଗକୁ ରକ୍ତ ସଞ୍ଚାଳନ କରିଥାଏ। ହେଲେ ଆଜିକାଲିର ବିଶୃଙ୍ଖଳିତ ଜୀବନଶୈଳୀ, ଅଧିକ ତେଲମସଲାଯୁକ୍ତ ଖାଦ୍ୟ, ଅନିୟନ୍ତ୍ରିତ ଉଚ୍ଚ ରକ୍ତଚାପ, ଓଜନ ବୃଦ୍ଧି, ଜାର୍ଯ୍ୟଚାପ ଆଦି କାରଣରୁ ହୃଦ୍‌ପିଣ୍ଡରେ ରକ୍ତସଞ୍ଚାଳନରେ ଅନିୟମିତତା ହୋଇଥାଏ। ଯେତେବେଳେ ହୃଦ୍‌ପିଣ୍ଡର ନିର୍ଦ୍ଦିଷ୍ଟ ଅଂଶକୁ ରକ୍ତ ଓ ଅମ୍ଳଜାନ ପହଞ୍ଚିବାରେ ବ୍ୟାଘାତ ସୃଷ୍ଟି ହୁଏ ସେହି ସ୍ଥିତିରେ ହୃଦ୍‌ଘାତ ହୋଇଥାଏ। ଯେଉଁମାନଙ୍କର ହୃଦ୍‌ଯନ୍ତ୍ରର ରକ୍ତନଳୀରେ ଅବରୋଧ ସୃଷ୍ଟି ହୋଇଥାଏ, ସେମାନଙ୍କର ବେଲୁନ୍ ମାଧ୍ୟମରେ ଏହି ଅବରୋଧକୁ ଖୋଲିବା ପଦ୍ଧତିକୁ ଆଞ୍ଜିଓପ୍ଲାଷ୍ଟି କୁହାଯାଏ। ଏହା ଏକ ଆଧୁନିକ ଏବଂ ପ୍ରଭାବୀ ଚିକିତ୍ସା ପଦ୍ଧତି। ବିନା ବଡ଼ ସର୍ଜରୀରେ ହୃଦ୍‌ପିଣ୍ଡର ଅବରୋଧକୁ ଆଞ୍ଜିଓପ୍ଲାଷ୍ଟି ସାହାଯ୍ୟରେ ଖୋଲାଯାଇଥାଏ। କେବଳ ହାତ ବା ଜଙ୍ଘରେ କଣା କରି ସେହି କଣା ମଧ୍ୟରେ 'କାଥେଟର୍' ମାଧ୍ୟମରେ ହୃଦ୍‌ଯନ୍ତ୍ରର ଧମନୀ ମଧ୍ୟକୁ ପ୍ରବେଶ କରାଯାଇଥାଏ। ପରବର୍ତ୍ତୀ ସୋପାନରେ ଧମନୀ ମଧ୍ୟକୁ ଅତି ସୂକ୍ଷ୍ମ ତାର ପ୍ରବେଶ କରାଯାଇଥାଏ। ସେହି ତାର ଉପରେ ବେଲୁନ୍ ବା ଷ୍ଟେଣ୍ଟ ଦିଆଯାଇ ଅବରୁଦ୍ଧ ଥିବା ଧମନୀକୁ ଖୋଲି ଦିଆଯାଇଥାଏ। ଯେଉଁ ଯାନ୍ତ୍ରିକ ପରୀକ୍ଷାଗାର ମଧ୍ୟରେ ଏହି ପ୍ରକ୍ରିୟା ସମ୍ପାଦନ କରାଯାଇଥାଏ, ତାକୁ "କ୍ୟାଥ୍‌ଲାବ୍" କୁହାଯାଇଥାଏ। ଏହି ପ୍ରକ୍ରିୟା କରୁଥିବା ସମୟରେ ରକ୍ତଜମାଟ ନବାନ୍ଧିବା ପାଇଁ ବିଭିନ୍ନ ପ୍ରକାର ଆଧୁନିକ ଔଷଧ ଆବିଷ୍କାର ବିଗତ ତିନି ଦଶନ୍ଧି ମଧ୍ୟରେ ତ୍ୱରାନ୍ୱିତ ହୋଇଛି। ଏହି ଔଷଧଗୁଡ଼ିକ ମଧ୍ୟ ପର୍ଯ୍ୟାୟକ୍ରମେ ଅପେକ୍ଷାକୃତ କମ୍ ଦାମ୍‌ରେ ମିଳିପାରୁଛି।

ଉତ୍ତମ ପୋଷଣ ପାଇଁ ସ୍ଥାନୀୟ ଖାଦ୍ୟ, ଋତୁକାଳୀନ ଫଳ ଓ ପନିପରିବାର ଗୁରୁତ୍ୱ

ପୂର୍ବରୁ ଲୋକମାନେ ସନ୍ତୁଳିତ ଖାଦ୍ୟ ଓ ଋତୁକାଳୀନ ଫଳ, ପନିପରିବା ଉପରେ ଗୁରୁତ୍ୱ ଦେଉଥିଲେ। ଭାତ, ପଖାଳ, ଶାଗ, ପରିବା, ଡାଲି, ମାଛ, ଋତୁକାଳୀନ ଫଳ ଆଦି ପାରମ୍ପରିକ ଖାଦ୍ୟ ଖାଉଥିଲେ। ଜଳବାୟୁ, ସଂସ୍କୃତି ଏବଂ ସାମ୍ପ୍ରଦାୟିକ ଜ୍ଞାନ ଦ୍ୱାରା ପ୍ରଭାବିତ ଏହି ଖାଦ୍ୟ ପୋଷଣତତ୍ତ୍ୱରେ ଭରପୂର ଥିବାରୁ ଏହା ଜୀବନଶୈଳୀଜନିତ ରୋଗଠାରୁ ଦୂରେଇ ରଖୁଥାଏ। କିନ୍ତୁ ବର୍ତ୍ତମାନ ପରିବେଶ ସହିତ ଖାଦ୍ୟାଭ୍ୟାସ ପରିବର୍ତ୍ତନ ହୋଇଛି। ପିଲାମାନେ ମାଣ୍ଡିଆ ପେଜ, ଚୁଡ଼ା ମିଶ୍ରଣ କିମ୍ବା ଋତୁକାଳୀନ ଫଳ ପରି ପାରମ୍ପରିକ ଖାଦ୍ୟ ଅପେକ୍ଷା ଇନ୍‌ଷ୍ଟାଣ୍ଟ ନୁଡୁଲ୍ସ, ଅଲ୍ଟ୍ରା ପ୍ରକ୍ରିୟାକୃତ ଖାଦ୍ୟ (ୟୁପିଏଫ୍), ବର୍ଗର ଆଦି ଜଙ୍କ୍‌ଫୁଡ ଖାଉଛନ୍ତି। ଏହା ଯୋଗୁଁ ମଧୁମେହ, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଅଣସଂକ୍ରାମକ ରୋଗର ଶିକାର ହେଉଛନ୍ତି। ତେଣୁ ସୁସ୍ଥ ଓ ପାରମ୍ପରିକ ଖାଦ୍ୟ ଅଭ୍ୟାସକୁ ପୁନଃ ଆପଣେଇବା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ମାସରେ ପୋଷଣ ପକ୍ଷ ପାଳନ କରାଯାଏ।

ପ୍ରଶାନ୍ତ କୁମାର ଦାଶ

ଏକ ସନ୍ତୁଳିତ ଏବଂ ପୁଷ୍ଟିକର ଖାଦ୍ୟ କେବଳ ବୃଦ୍ଧି ଏବଂ ବିକାଶ ପାଇଁ ନୁହେଁ, ବରଂ ଦୀର୍ଘକାଳୀନ ଅଣସଂକ୍ରାମକ ରୋଗ ଯଥା - ଉଚ୍ଚ ରକ୍ତଚାପ, ମଧୁମେହକୁ ରୋକିବା ଏବଂ ମାନସିକ ସୁସ୍ଥତାକୁ ବଜାୟ ରଖିବା ପାଇଁ ଅତ୍ୟନ୍ତ ଜରୁରି। ହେଲେ ସହରାଞ୍ଚଳ, ଅର୍ଦ୍ଧ-ସହରୀ ଅଞ୍ଚଳ ଏବଂ ଗ୍ରାମାଞ୍ଚଳର ପିଲା ଓ ଯୁବପିଢ଼ିଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ବିଜ୍ଞାପନ ଏବଂ ମାର୍କେଟିଂ, ଦ୍ରୁତ ଡେଲିଭରି ପ୍ଲାଟଫର୍ମ ଦ୍ୱାରା ଏବେ ଜଙ୍କ୍‌ଫୁଡ ସହଜରେ ସବୁଠି ଉପଲବ୍ଧ ହେଉଛି। ଏହି ଖାଦ୍ୟ ଦୈନନ୍ଦିନ ଖାଦ୍ୟର ଏକ ନିୟମିତ ଅଂଶ ପାଲଟିଛି। ପିଲା ଏବଂ ଯୁବପିଢ଼ି ଆଧୁନିକ ଖାଦ୍ୟ ପଦାର୍ଥ ପ୍ରତି ବେଶୀ ଆକୃଷ୍ଟ ହେଉଛନ୍ତି। ଅସ୍ୱାସ୍ଥ୍ୟକର ଖାଦ୍ୟ ଯଥା ଅତ୍ୟଧିକ ଲୁଣ, ଚିନି, ଅସ୍ୱାସ୍ଥ୍ୟକର ଚର୍ବିଜାତୀୟ ଏବଂ ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟରେ ଆବଶ୍ୟକୀୟ ପୋଷଣ ମାତ୍ରା କମ୍ ଥାଏ। ଏହିପରି ଖାଦ୍ୟ ମେଦବୃଦ୍ଧି, ମଧୁମେହ, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଅଣ-ସଂକ୍ରାମକ ରୋଗର କାରଣ ହୁଏ।

ବଢ଼ୁଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ଚିନ୍ତା

ଜଙ୍କ୍‌ଫୁଡ୍‌ରେ କୃତ୍ରିମ ସ୍ୱାଦ, ରଙ୍ଗ ଓ ବିଭିନ୍ନ ପ୍ରକାର ରାସାୟନିକ ପଦାର୍ଥ ମିଶ୍ରଣ ଥାଏ। ତେଣୁ ନିୟମିତ ଜଙ୍କ୍‌ଫୁଡର ସେବନ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଭାରତରେ ଏବେ ନନ୍-କମ୍ୟୁନିକେବଲ୍ ଡିଜିଜ୍ (NCDs) ବହୁତ ଦ୍ରୁତ ଭାବରେ ବଢ଼ୁଛି, ଓଡ଼ିଶା ମଧ୍ୟ ଏଥିରୁ ବାଦ ପଡ଼ିନାହିଁ। ଅସ୍ୱାସ୍ଥ୍ୟକର ଖାଦ୍ୟ, ଶାରୀରିକ କ୍ରିୟାକଳାପ, ଖେଳକୁଦର ଅଭାବ ଓ ବେଶୀ ସମୟ ବସି ରହିବା ଅଭ୍ୟାସ ଆଦି ଯୋଗୁଁ ଏବେ ଛୋଟ ପିଲାମାନଙ୍କ ମଧ୍ୟରେ ଉଚ୍ଚ ରକ୍ତଚାପ, ଡାଇବେଟିସ୍ ଓ ମୋଟାପଣ ଦେଖାଯାଉଛି।

ଉତ୍ତମ ବିକଳ୍ପ ପାଇଁ ଏକ ସାମୂହିକ ପ୍ରୟାସ

ସରକାର ପୋଷଣଯୁକ୍ତ ଖାଦ୍ୟ ଅଭ୍ୟାସ ବଢ଼ାଇବା ଓ ମୋଟାପଣ ଏବଂ ଅଣସଂକ୍ରାମକ ରୋଗ (NCDs) କମେଇବା ପାଇଁ ଅନେକ କିଛି ପଦକ୍ଷେପ ନେଉଛନ୍ତି। କିନ୍ତୁ ଅଲ୍ଟ୍ରା-ପ୍ରୋସେସ୍ଡ ଖାଦ୍ୟର ବଜାର ବଢ଼ୁଛି। ସେଥିପାଇଁ ନୀତି, ନିୟମ ଓ ଏହାର କାର୍ଯ୍ୟକାରୀ ପ୍ରୟାସ ଏବେ ବି ଜାରି ରହିଥିବାବେଳେ ମାର୍କେଟିଂ ପ୍ରଣାଳୀ ଗ୍ରାହକଙ୍କ ଦୈନନ୍ଦିନ ଖାଦ୍ୟ ଚୟନ ବ୍ୟବହାରକୁ ପ୍ରଭାବିତ କରୁଛି। ଖାଦ୍ୟ ପ୍ୟାକେଟ୍‌ର ଆଗ ପଟେ ଲେବେଲିଂ, ଜଙ୍କ୍ ଫୁଡ୍ ବିକ୍ରି ଓ ବିଜ୍ଞାପନ ଉପରେ ନିୟନ୍ତ୍ରଣ ଏବଂ ଅଧିକ କର ଲାଗୁ କରିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମାତ୍ର ନିୟମ ଓ କାନୁନ ଦ୍ୱାରା ଏହି ସମସ୍ୟାକୁ ପୂରା ଭାବେ ରୋକା ଯାଇପାରିବ ନାହିଁ। ଲୋକଙ୍କ ମଧ୍ୟରେ ପୋଷଣ ସମ୍ବନ୍ଧିତ ଜ୍ଞାନ ବଢ଼ାଇବା ଓ ସେମାନେ ସ୍ୱାସ୍ଥ୍ୟକର ଖାଦ୍ୟ ବାଛିବାକୁ ସହଜ କରିବା ପାଇଁ ଆହୁରି ବ୍ୟାପକ ପ୍ରୟାସ ଆବଶ୍ୟକ। ଏଥିରେ କେବଳ ସରକାରୀ ନୀତି ନୁହେଁ—ପରିବାର, ସ୍କୁଲ, ସମ୍ପ୍ରଦାୟ ଓ ମିଡିଆ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ଭବିଷ୍ୟତ ପାଇଁ ସୁସ୍ଥ ବିକଳ୍ପଗୁଡ଼ିକକୁ ଗଠନ କରିବା

ଯୁବପିଢ଼ିମାନେ ଏବେ ବଦଳୁଥିବା ଖାଦ୍ୟ ପରିବେଶର ମଧ୍ୟଭାଗରେ ଅଛନ୍ତି। ସମାଧାନ ସୃଷ୍ଟି କରିବାରେ ସେମାନଙ୍କର ମତ ଅତ୍ୟନ୍ତ ଜରୁରି। ସେମାନଙ୍କ ନେତୃତ୍ୱରେ ନିବେଶ କରିବା ଓ ସେମାନଙ୍କୁ ମତ ଦେବାର ସୁଯୋଗ ଦେବା ଆବଶ୍ୟକ। ଏହା ଦ୍ୱାରା ନୀତି, କ୍ୟାମ୍ପେନ୍ ଓ ପ୍ରୋଗ୍ରାମଗୁଡ଼ିକ ସେମାନଙ୍କ ଜୀବନର ସତ୍ୟ ଅନୁଭବକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇପାରିବ। ଯୁବପିଢ଼ି ହିଁ ସମାଜର ଧାରଣାକୁ ପରିବର୍ତ୍ତନ କରିପାରିବେ। ବର୍ତ୍ତମାନ ଓ ଭବିଷ୍ୟତରେ ମଧ୍ୟ ସ୍ୱାସ୍ଥ୍ୟକର ଓ ସ୍ଥାୟୀ ଖାଦ୍ୟ ପାଇଁ ଆଗ୍ରହ ବଢ଼ାଇ ପାରିବେ।

ଲାନ୍‌ସେଟ (LANCET)ରେ ପ୍ରକାଶିତ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଭାରତରେ ବିଶ୍ୱରେ ସବୁଠାରୁ ଦ୍ରୁତ ଗତିରେ ବଢ଼ୁଥିବା UPF ଶିଳ୍ପ ଅଛି, ଯାହାଦ୍ୱାରା ଶିଶୁ ଏବଂ କିଶୋରମାନେ ବିଶେଷ ଭାବେ ପ୍ରଭାବିତ ହେବେ। ଓଡ଼ିଶାର ଶିଶୁମାନେ ଓ ଆଗାମୀ ପିଢ଼ିଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷା କରିବା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଦରକାର। ସଚେତନ ଭାବେ ଖାଦ୍ୟ ଚୟନ କରିବା ଓ ଭଲ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଆବଶ୍ୟକ, ଯାହା ପୌଷ୍ଟିକ ଖାଦ୍ୟକୁ ସମର୍ଥନ କରେ। ତେଣୁ ଜଙ୍କ୍ ଫୁଡ୍‌କୁ "ନା" କହିବା ଓ ବିବିଧ, ସ୍ଥାନୀୟ ଓ ଋତୁକାଳୀନ ଖାଦ୍ୟକୁ "ହଁ" କହିବା ପଛକୁ ଯିବା ନୁହେଁ। ଏହା ଏକ ସ୍ୱାସ୍ଥ୍ୟକର ଓ ଶକ୍ତିଶାଳୀ ଓଡ଼ିଶା ଦିଗରେ ଆଗକୁ ବଢ଼ିବାର ପଦକ୍ଷେପ।

- ୟୁନିସେଫ୍ ପୁଷ୍ଟି, ଓଡ଼ିଶା

ଉତ୍କଳ ସମାଚାର

ସମ୍ପାଦକୀୟ...

ଶନିବାର ୨୫ ଏପ୍ରିଲ ୨୦୨୬

ଲୋଭ କବଳିତ ମଣିଷ

ଲୋଭର କରୁଣ ପରିଣତି କଥା ବାଲ୍ୟକାଳରୁ ଆମେ ପାଠ୍ୟ ପୁସ୍ତକରୁ ପଢ଼ିଆସିଛୁ । ଆହୁରି ମଧ୍ୟ ଅନେକ ଗଳ୍ପ ପ୍ରବନ୍ଧ ଓ ପତ୍ରପତ୍ରିକାରେ ପଢ଼ିଚୁ । ଆଉ ଆଖିଆଗରେ ପ୍ରତ୍ୟେକ ଦିନ ଲୋଭ କାରଣରୁ ଘଟିଯାଉଥିବା କେତେ କେତେ ଘଟଣା ଦୁର୍ଘଟଣା ଯାହାର କଳନା ନାହିଁ । ହେଲେ ମଣିଷର ପ୍ରକୃତି ଆଜିପର୍ଯ୍ୟନ୍ତ ନା ବଦଳିଛି ନା ବଦଳୁଛି । ଧନୀ ହେଉ ବା ଗରିବ ଅବା ମଧ୍ୟବିତ ଏ ସମସ୍ତଙ୍କ ନିକଟରେ କିଛି ଥାଉ ବା ନଥାଉ ଲୋଭ ନିଶ୍ଚିତ ଥିବ । ହଁ, କାହାର ଅଳ୍ପ ତ କାହାର ଅଧିକ । ଏଣୁ ଲୋଭ ସବୁ ମଣିଷଠାରେ ବିଦ୍ୟମାନ କହିଲେ ଆଦୌ ଭୁଲ୍ ହେବନି । ଲୋଭ ମଣିଷର ଜନ୍ମଜାତ ପ୍ରବୃତି । କୁନି ଶିଶୁକୁ ଅନ୍ୟ କେହି ଆଦରି ନେଲେ ନିଜ ମା' କୋଳକୁ ଲୋଭିଲା ଲୋଭିଲା ଆଖିରେ ଚାହିଁବାର ଦୃଶ୍ୟ ଖୁବ୍ ନିଆରା । ଶିଶୁଟି ଟିକେ ବଡ଼ ହେଲେ ଖେଳନା କିମ୍ବା ଚକଲେଟ ଲୋଭ ଦେଖାଇଲେ ସବୁ ବୋଲ ମାନିଯାଏ । ଜନ୍ମଦାତାଙ୍କ ସନ୍ତାନ ପ୍ରତି ଅତୁଟ ଲୋଭ ବାତ୍ସଲ୍ୟ ମମତା ଆଗରେ କେହି ନୁହେଁ ସରି । ବୟସ କ୍ରମରେ କାହାର ଧନ ଉପାର୍ଜନ ଆଉ ସଂଚିବା ଲୋଭ ତ କାହାର ପୁଣି ଖାଦ୍ୟ ପାନୀୟରେ ଲୋଭ । ଆଉ ନାରୀମାନଙ୍କର ସୁବର୍ଣ୍ଣ ଅଳଙ୍କାର ପ୍ରତି ଲୋଭ କିଛି କମ୍ ନୁହେଁ । ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ଲୋଭର ଏକ ଆକର୍ଷଣ ଶକ୍ତି ଅଛି ଯେଉଁଥିରେ ସମସ୍ତେ ବାନ୍ଧି ହୋଇଛନ୍ତି । କେବଳ ଯେ ବଡ଼ ବା ବୟସ୍କବର୍ଗ ନୁହେଁ, ସାନ ମଧ୍ୟ ଲୋଭ ଆକର୍ଷଣରେ ବନ୍ଧା । ବାସ୍ତବରେ ମଣିଷର ଆଶା ଆବଶ୍ୟକତା ଯେତେ ଯେତେ ପୂରଣ ହୁଏ ଲୋଭ ସେତେ ଅଧିକ ବୃଦ୍ଧିପାଏ । ଲୋଭ ଜାଲ ସଦୃଶ ମଣିଷକୁ କବଳିତ କରିନିଏ ଆଉ ମଣିଷ ଆଦୌ ଟେର ପାଏନି । ନିଜ ବୁଦ୍ଧି, ବିବେକର ଉପଯୋଗ ଦ୍ୱାରା ଏହି ଜାଲରୁ ମୁକୁଳିବା ସମ୍ଭବ ହୁଏ । ଅତଳ ଗଭୀର ସମୁଦ୍ର ସଦୃଶ ଲୋଭ, ଯାହାର ପରିମାପ ବଡ଼ କାଠିକର ପାଠ । ଅତି ସରଳରେ ବୁଝେଇଲେ ଲୋଭର ଅର୍ଥ ପ୍ରବଳ ଇଚ୍ଛା । ଲୋଭ ମଣିଷକୁ ଦୁର୍ବଳ କରେ, ତା' ନିକଟରେ ନତମସ୍ତକ ହେବାକୁ ବାଧ୍ୟକରେ । ଲୋଭ ଲାଗି ମଣିଷ ତଳରୁ ତଳ ସ୍ତରକୁ ପାଦ ଖସେଇ ସବୁ ପ୍ରକାର ଅନ୍ୟାୟ ଅନୀତି ତଥା ଦୁର୍ନୀତିକୁ ଆପଣେଇ ନିଏ । ଲୋଭ ମଣିଷର ଏକ ଅତୃପ୍ତ ଅବସ୍ଥା ଯେଉଁଥିରେ ଆବଶ୍ୟକତା ପୂରଣ ହେବା ପରେ ମଧ୍ୟ ମନ ଆହୁରି ପାଇବାକୁ ଥାଏ ବ୍ୟାକୁଳ । ନୈତିକ ଅନୈତିକ ମଧ୍ୟରେ ପ୍ରଭେଦ ଭୁଲି ବ୍ୟକ୍ତି ଅସନ୍ତୋଷର ନଦୀ ମଧ୍ୟକୁ ଠେଲି ହୋଇଯାଏ । ଲୋଭ କାରଣରୁ ବ୍ୟକ୍ତି ସବୁ ସମୟରେ ନିଜ ପାଖରେ ଯାହା ଅଛି ଆଦୌ ନଜର ଦିଏନି, ଯାହା ତା' ପରିପାର୍ଶ୍ୱରେ ଦେଖେ ତାକୁ ପାଇବାକୁ ହୁଏ ହାଇଁପାଇଁ । ସହଜ ସରଳ ବାଟରେ ସବୁକିଛି ହାସଲ କରିନେବାକୁ ଉପାୟ ପାଚେଁ । କଳେବଳେ କୌଶଳେ ଦିନେ ସବୁକିଛି ହାସଲ କରିନିଏ ସତ, କିନ୍ତୁ ସନ୍ତୁଷ୍ଟ ମଣିଷଟିଏ ହୋଇ ଜୀବନ ଜିଇଁପାରେନି । କାରଣ ଆହୁରି ପାଇବାର ଲାଳସା ତା' ମନ ମସ୍ତିଷ୍କକୁ ଅହରହ ଘାରିଥାଏ । ଯେଉଁ କାରଣରୁ ନା ସୁଖରେ ରହିପାରେ ନା ଶାନ୍ତିରେ ଟିକେ ନିଃଶ୍ୱାସ ନେଇପାରେ । ଏ ଦୁନିଆରେ ସମସ୍ତେ ନିଜର ଭଲ ଚିନ୍ତନ୍ତି । ରାତି ପାହି ସକାଳ ହେଲେ ମୁଣ୍ଡକୁ ଢୁକେ ମୁଁ ଆଜି କିପରି ଲାଭବାନ ହେବି । ଲାଭ ନଥିଲେ ପାଦେ ବି ଆଗକୁ ବଢ଼ିବାର ନାହିଁ । ନିଜ ଲକ୍ଷ୍ୟ ଉଦ୍ଦେଶ୍ୟକୁ ପୂର୍ଣ୍ଣ କରିବାକୁ ମଣିଷ ପ୍ରାଣପଣେ ପ୍ରୟାସ କରେ । ପ୍ରାପ୍ତ ହେଲେ ଖୁସିରେ ବିଭୋର ହୁଏ ଆଉ ଅପୂର୍ଣ୍ଣ ରହିଲେ ମନରେ ଉଦାସ ଭରିଯାଏ । ସେ ବେପାର ବଣିଜ ହେଉ ବା ନିଜର କିଛି ପ୍ରାପ୍ତି ଉଦ୍ଦେଶ୍ୟ, ଉଭୟ କ୍ଷେତ୍ରରେ ମଣିଷ ନିଜର ହିଁ ସ୍ୱାର୍ଥକୁ ଦୃଷ୍ଟିଦେଇ ଆଗକୁ ଆଗେଇଥାଏ । ଲୋଭ ମଣିଷକୁ ସ୍ୱାର୍ଥପର କରେ । ନିଜ ଲୋକଙ୍କ ଭିତରେ ପୃଥକ ଭାବନା ସୃଷ୍ଟିକରି ସମ୍ପର୍କରେ ଫାଟ ସୃଷ୍ଟିକରେ । ଲୋଭରେ ବଶୀଭୂତ ହୋଇ ମଣିଷ ଅନ୍ୟକୁ ପ୍ରତାରଣା କରେ ବା ଠକେ । ହେଲେ ଆଉ ଏହାର ପରିଣାମ ପରବର୍ତ୍ତୀ ସମୟରେ ନିଜକୁ ହିଁ ଭରଣ କରିବାକୁ ହୋଇଥାଏ । କଥାରେ ଅଛି- ଲୋଭରୁ ପାପ, ଆଉ ପାପ ମୃତ୍ୟୁର କାରଣ ସାଜେ । ଲୋଭରେ କବଳିତ ମଣିଷ ବର୍ତ୍ତମାନର ସୁଖ ହରାଇଥାଏ । ଲୋଭରୁ ମୁକୁଳିବା ପାଇଁ ବୁଦ୍ଧି ବିବେକର ଯଥେଷ୍ଟ ଉପଯୋଗ ଜରୁରି । ଜୀବନରେ କେଉଁ ଜିନିଷର କେତେ ଆବଶ୍ୟକ ଓ ଏହାର ସ୍ଥାୟିତ୍ୱକୁ ତର୍ଜମା କରି ପଦକ୍ଷେପ ନେବାକୁ ହେବ । ଆମେ ସର୍ବଦା ସନ୍ତୁଷ୍ଟ ବ୍ୟକ୍ତ କରିବା ଆଉ ଆମ ପାଖରେ ଯାହା ଅଛି ସେଥିରେ ଖୁସି ହେବା । ଅହରହ ବାଉଳା ହୋଇ ମୁଁ ପାଇବି, ସବୁକୁ ଅକ୍ତିଆର କରିବି ଲକ୍ଷ୍ୟ ରଖିଲେ କିଛି ବି ପୂରଣ ହେବନି ବରଂ ଚିନ୍ତା ଦୁଃଖରେ ଶରୀର ହେବ ରୋଗର ଗନ୍ତାଘର । ବର୍ତ୍ତମାନ ସମୟର ପ୍ରାୟ ଅନେକଙ୍କ ଠାରେ ନିଦ୍ରାହୀନତା, ମଧୁମେହ, ଉଚ୍ଚ ରକ୍ତଚାପ, ପେଟ ସମସ୍ୟା, ହଜମ କମିବା ଓ ଭୋକ ନହେବା, ସ୍ୱଳ୍ପ ବୟସରୁ କେଶ ଝଡ଼ିବା ପରି ରୋଗ ସମସ୍ୟା ଦେଖାଦେଉଛି । ଆଉ ଟେନସନ୍ ବା ଚିନ୍ତା ଏ ସମସ୍ତ ପ୍ରକାର ରୋଗ ସମସ୍ୟା ପଛରେ ପ୍ରମୁଖ କାରଣ ସାଜିଛି ଏଥିରେ ଆଦୌ ଦ୍ୱିମତ ନାହିଁ । ଏଣୁ ଲୋଭ ବା ପ୍ରାପ୍ତିର ଲାଳସା ଯେତେ ଅଧିକ ହେବ ସମଅନୁପାତରେ ଚିନ୍ତା ଆଉ ଅସ୍ଥିରତା ସୃଷ୍ଟିହେବ । ସେଇଲାଗି ତ ଶାସ୍ତ୍ରରେ ଦର୍ଶାଯାଇଛି- ଲୁଣା ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି । ଲୋଭ ପରିତ୍ୟାଗ କରିବା ଦ୍ୱାରା ମନ ଶାନ୍ତ ରୁହେ ଏବଂ ଆଧ୍ୟାତ୍ମିକ ତଥା ମାନସିକ ସ୍ତରରେ ଉନ୍ନତି ହୁଏ । ପିଲାଦିନେ ପଢ଼ିଥିବା ସେଇ କାହାଣୀ ଅନେକ ସମୟରେ ମନେପଡ଼େ । ଜଣେ ରାଜାଙ୍କ ନିକଟରେ ଜଣେ ବ୍ୟକ୍ତି ପହଂଚି ସାହାଯ୍ୟ ମାଗୁଛନ୍ତି । ରାଜା କହିଲେ, କ'ଣ ତୁମେ ଚାହୁଁଛ କୁହ ପୂରଣ କରାଯିବ । ବ୍ୟକ୍ତି କହିଲେ, ମତେ ବହୁତ ଭୂମି ଦରକାର । ରାଜା କହିଲେ, ଠିକ୍ ଅଛି ଆସନ୍ତାକାଲି ସକାଳେ ଆସ । ତୁମେ ଏଠାରୁ ଯେତେ ବାଟ ଯାଏଁ ଯିବ ଆଉ ପ୍ରତ୍ୟାବର୍ତ୍ତନ କରିବ ସେସବୁ ତୁମର । ମନେରଖ, ସୂର୍ଯ୍ୟାସ୍ତ ପୂର୍ବରୁ ତୁମକୁ ଫେରିବାକୁ ହେବ । ତହିଁ ଆରଦିନ ବ୍ୟକ୍ତି ଭୂମି ଦଖଲ କରିବାକୁ ପହଂଚି ଗଲେ । ଆହୁରି ପାଇବି ଆହୁରି ପାଇବି ଲୋଭରେ ଅନେକ ବାଟ ଅତିକ୍ରମ କଲେ । ଯେତେ ଆଗକୁ ଗଲେ ତୃଷ୍ଣା ମେଂଟିଲା ନାହିଁ । ଦୌଡ଼ି ଦୌଡ଼ି ଥକିଗଲେ ଆଉ ସୂର୍ଯ୍ୟାସ୍ତ ପୂର୍ବରୁ ଫେରିବାକୁ ହେବ । ଏଥର ରାଜାଙ୍କ ନିକଟକୁ ଦୌଡ଼ିଲେ । ଫେରିବାକୁ ପ୍ରୟାସ କରି ବିଫଳ ହେଲେ ଆଉ ଶେଷରେ ଜୀବନ ହାରିଲେ । ଯେତେବେଳେ ଜଣେ ବ୍ୟକ୍ତି ଲୋଭୀ ହୁଏ, ସେ ନିଜର ନୀତି ନୈତିକତା ମୂଲ୍ୟବୋଧକୁ ଭୁଲି ଭୁଲ୍ କାମ କରିବା ଆରମ୍ଭ କରେ । ଆଜି ଦୁନିଆରେ ଦୁର୍ନୀତି, କଳାବଜାରୀ, ଭ୍ରଷ୍ଟାଚାର, ହତ୍ୟା ଯାହା କିଛି ଘଟୁଛି ସବୁରି ମୂଳରେ ଲୋଭ ହିଁ ମୂଳ କାରଣ । ଜମିଜମା ଦଖଲକୁ ନେଇ ଭାଇ-ଭାଇ ଭିତରେ ମାରପିଟ୍, ଶାସନଗାଦି ଦଖଲ ପାଇଁ ନେତାଙ୍କ ଦଳଡିଆଁ, ଲାଟୁଂଆ ଅଫିସରର

ଦ୍ୱୈତ ବିପଦ

ଏଥର ମୌସୁମୀ ବୃଷ୍ଟିପାତ ଦୀର୍ଘକାଳୀନ ହାରାହାରିର ୯୨ ଶତାଂଶ ହେବ ବୋଲି 'ଆଇଏମ୍‌ଡି' ଅନୁମାନ କରୁଥିବା ବେଳେ, ତାହା ୯୪ ଶତାଂଶ ହେବ ବୋଲି 'ସ୍କାଏମେଟ୍' ଅନୁମାନ କରୁଛି। ପ୍ରଶାନ୍ତ ମହାସାଗରରେ ସୃଷ୍ଟ 'ଏଲ୍ ନିନୋ' ପ୍ରଭାବରେ ଏହା ଘଟିବ ବୋଲି ଆଶଙ୍କା କରାଯାଉଛି। ତେବେ ମୌସୁମୀ ଆଗମନର ଠିକ୍ ପୂର୍ବରୁ ପ୍ରକାଶିତ ପୂର୍ବାନୁମାନ ଏକ ଅଧିକ ନିର୍ଭୁଲ୍ ଚିତ୍ର ପ୍ରଦାନ କରିବ ବୋଲି ଆଶା କରାଯାଏ। ଯେଉଁ ସମୟରେ ଖାଦ୍ୟ ମୁଦ୍ରାସ୍ଫୀତି ପୁଣି ମୁଣ୍ଡ ଟେକିବାକୁ ଆରମ୍ଭ କରିଛି, ସେଇ ସମୟରେ ନିଅଂଟିଆ ମୌସୁମୀ ବୃଷ୍ଟିପାତ ଯୋଗୁଁ ସଂକୁଚିତ ଯୋଗାଣ ତାହାକୁ ଆହୁରି ଖରାପ କରିବ। ଏପ୍ରିଲ ୧୩ରେ ପ୍ରକାଶ ପାଇଥିବା ଦୁଇଟି ପରିସଂଖ୍ୟାନ ଦେଶରେ ଖାଦ୍ୟ ନିରାପତ୍ତା ନିଶ୍ଚିତ କରିବା ବାବଦରେ ଓ ନାଗରିକମାନଙ୍କର ଜୀବିକା ସୁରକ୍ଷିତ ରଖିବା ସମ୍ବନ୍ଧରେ ସରକାରଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସତର୍କ ସୂଚନା ବହନ କରିଥାନ୍ତି। ପ୍ରଥମଟି ହେଉଛି ଭାରତ ସରକାରଙ୍କର ପରିସଂଖ୍ୟାନ ମନ୍ତ୍ରଣାଳୟ ଦ୍ୱାରା ମାର୍ଚ୍ଚ ପାଇଁ ପ୍ରକାଶିତ ମୁଦ୍ରାସ୍ଫୀତି ଆକଳନ ପରିସଂଖ୍ୟାନ। ଏଥିରୁ ଜଣାପଡ଼ିଛି ଯେ ଏଇ ସମୟରେ ଦେଶରେ ଖାଉଟି ମୁଦ୍ରାସ୍ଫୀତିର ହାର ଯାହା ହୋଇଛି, ତାହାର ଏକ ଅଂଶ ହୋଇଥିବା ଖାଦ୍ୟଦ୍ରବ୍ୟ ମୁଦ୍ରାସ୍ଫୀତିର ହାର ତା' ଠାରୁ ଅଧିକ ହୋଇଛି। ଅର୍ଥାତ୍ ମାର୍ଚ୍ଚରେ ଦେଶରେ ସବୁ କିସମର ଖାଉଟି ଦ୍ରବ୍ୟଗୁଡ଼ିକର ହାରାହାରି ମୂଲ୍ୟରେ ଯେତିକି ହାରରେ ବୃଦ୍ଧି ଘଟିଥିଲା, ସେଥିମଧ୍ୟରୁ ଯଦି କେବଳ ଖାଦ୍ୟଦ୍ରବ୍ୟମାନଙ୍କୁ ଅଲଗା କରିଦେଇ ଦେଖାଯାଏ, ତେବେ ସେଗୁଡ଼ିକର ହାରାହାରି ଦରରେ ଏକ ଉଚ୍ଚତର ହାରରେ ବୃଦ୍ଧି ଘଟିଥିଲା। ପରିସଂଖ୍ୟାନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ସୂଚନାଟି ହେଉଛି ପାଣିପାଗ ସଂପର୍କିତ। ନିର୍ଦ୍ଦିଷ୍ଟ ଭାବରେ କହିଲେ, ଏହା ଅନୁସାରେ ୨୦୨୬ର ଅର୍ଥାତ୍ ଆସନ୍ନ ମୌସୁମୀ ଋତୁରେ ଦେଶରେ ବୃଷ୍ଟିପାତ ସ୍ୱାଭାବିକ ବା 'ନର୍ମାଲ୍' ଠାରୁ କମ୍ ହେବାକୁ ଯାଉଛି ବୋଲି ଆଶଙ୍କା କରାଯାଉଛି। କହିବା ବାହୁଲ୍ୟ, ନିଅଂଟିଆ ମୌସୁମୀ ବୃଷ୍ଟିପାତର ସମ୍ଭାବନା ଦେଶର ବିଶାଳ ଗ୍ରାମ୍ୟ ଅର୍ଥନୀତି ପାଇଁ ଏକ ସୁଖବର ନୁହେଁ। ବର୍ତ୍ତମାନ ବ୍ୟବହୃତ ନୂତନ ୨୦୨୪ ଶୃଙ୍ଖଳା ଭିତ୍ତିରେ କରାଯାଇଥିବା ହିସାବ ଅନୁସାରେ ଗତ ମାସରେ ସାମଗ୍ରିକ ଖାଉଟି ମୁଦ୍ରାସ୍ଫୀତିରେ ବୃଦ୍ଧି ହାର ଥିଲା ୩.୪ ଶତାଂଶ ବୋଲି ଜଣାପଡ଼ିଥିବା ବେଳେ ଯଦି ଦେଶର ଗ୍ରାମ୍ୟ ଓ ସହରୀ ଅର୍ଥନୀତିକୁ ଅଲଗା କରି ଦେଖାଯାଏ, ତେବେ ଗ୍ରାମ୍ୟ ମୁଦ୍ରାସ୍ଫୀତି ହାର ଏକ ଉଚ୍ଚତର ୩.୬ ଶତାଂଶ ହୋଇଥିବା ବେଳେ ସହରୀ ମୁଦ୍ରାସ୍ଫୀତି ହାର ହୋଇଥିଲା ୩.୧ ଶତାଂଶ। ଏହା ଯଦି ଚିନ୍ତାଜନକ ମନେ ହେଉଥାଏ, ତେବେ ଆମକୁ ଯାହା ଆହୁରି ଅଧିକ ଚିନ୍ତିତ କରିଥାଏ, ତାହା ହେଲା ଗ୍ରାମାଚଂଳରେ କେବଳ ଖାଦ୍ୟ ମୁଦ୍ରାସ୍ଫୀତି ହାର ୪ ଶତାଂଶ ହୋଇଥିବା ବେଳେ ସହରାଂଚଳରେ ତାହା ହୋଇଥିଲା ୩.୭ ଶତାଂଶ, ଯାହା ପ୍ରଭାବରେ ଦେଶରେ ହାରାହାରି ଖାଦ୍ୟ ମୁଦ୍ରାସ୍ଫୀତି ହାର ହୋଇଥିଲା ୩.୯ ଶତାଂଶ। ଗତ ଜାନୁଆରି ଠାରୁ ଭାରତରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ସାମଗ୍ରିକ ଖାଉଟି ମୁଦ୍ରାସ୍ଫୀତି ହାରଠାରୁ ଉଚ୍ଚତର ହେବା ଦେଖାଯାଇଛି। ଜାନୁଆରିରୁ ମାର୍ଚ୍ଚ ମଧ୍ୟରେ ଖାଦ୍ୟ ମୁଦ୍ରାସ୍ଫୀତି ପ୍ରାୟ ଦ୍ୱିଗୁଣିତ ହୋଇଛି କହିଲେ ଚଳେ। ଖାଦ୍ୟ ପଦାର୍ଥମାନଙ୍କ ମଧ୍ୟରେ ଅଣ୍ଡା, ମାଛ, ମାଂସ ଓ ବନସ୍ପତି ତେ ?ଳ ଆଦିର ଦରରେ ବୃଦ୍ଧି ଘଟିଥିବା ବେଳେ ଖାଦ୍ୟଶସ୍ୟ ଦରରେ ସାମାନ୍ୟ ହ୍ରାସ ପରିଲକ୍ଷିତ ହୋଇଥିଲା। ଏହା ଅବଶ୍ୟ ସତ ଯେ ମୁଦ୍ରାସ୍ଫୀତିରେ ଏପରି ବୃଦ୍ଧି ପରିଲକ୍ଷିତ ହେବାକୁ ଆରମ୍ଭ କରିଥିଲେ ହେଁ ଏହା ଏକ ଅପେକ୍ଷାକୃତ ନୀଚା ସ୍ତରରେ ରହିଛି। ତେବେ ଦରଦାମ ବୃଦ୍ଧି ସଂପର୍କିତ ପ୍ରତ୍ୟାଶା ବର୍ତ୍ତମାନ ଊର୍ଦ୍ଧ୍ୱମୁଖୀ ହେବାକୁ ଆରମ୍ଭ କରିଛି। ଯୋଗାଣ ପାର୍ଶ୍ୱରେ ଦେଖା ଦେଇଥିବା ଅନିଶ୍ଚିତତା ଯୋଗୁଁ ବନସ୍ପତି ତୈଳ ଆଦିର ଦରରେ ବୃଦ୍ଧି ଘଟିଥିବା ବେଳେ ଅନ୍ୟ ଖାଦ୍ୟଦ୍ରବ୍ୟମାନ ସେଥିଯୋଗୁଁ ବିଶେଷ ପ୍ରଭାବିତ ହୋଇନାହାନ୍ତି। ଦେଶରେ ପ୍ରଚୁର ଅମଳ ତଥା ନୀଚା ଆନ୍ତର୍ଜାତିକ ଦର ଯୋଗୁଁ ଖାଦ୍ୟଶସ୍ୟ ଦରଦାମ ନିୟନ୍ତ୍ରଣ ମଧ୍ୟରେ ରହିଛି ବୋଲି ଜଣାପଡୁଛି। କିନ୍ତୁ ବର୍ତ୍ତମାନର ଦରଦାମ ନୁହେଁ, ଭବିଷ୍ୟତରେ ଏହାର ସମ୍ଭାବ୍ୟ ଗତି ଚିନ୍ତାଜନକ ହୋଇଥାଏ। ତିନିଗୋଟି କାରଣରୁ ଉଭୟ ଖାଦ୍ୟ ଓ ସାମଗ୍ରିକ ଖାଉଟି ମୁଦ୍ରାସ୍ଫୀତି ଉପରେ ଚାପ ସୃଷ୍ଟି ହୋଇପାରେ। ପ୍ରଥମଟି ହେଉଛି ଇରାନ ଓ ଆମେରିକା ମଧ୍ୟରେ ଏକ ସ୍ଥାୟୀ ଶାନ୍ତି ଚୁକ୍ତି ପାଇଁ ଚାଲିଥିବା କଥାବାର୍ତ୍ତାର ଭାଗ୍ୟ, ଯାହା ଏହା ଲେଖାହେବା ପର୍ଯ୍ୟନ୍ତ ଅନିଶ୍ଚିତ ଅବସ୍ଥାରେ ଅଛି। ଏହା କେବଳ ତୈଳ ଦର ନୁହେଁ, ଅନ୍ୟ ସମସ୍ତ ପ୍ରାଥମିକ ଦ୍ରବ୍ୟ ଦରଦାମକୁ ପ୍ରଭାବିତ କରିବ। ତେ ?ଳ ଯୋଗାଣ ବାଧାପ୍ରାପ୍ତ ହେଲେ ତାହାର ବିକଳ୍ପ ସ୍ୱରୂପ ଇଥାନଲ୍ ଭଳି ଅଧିକ ଜୈବ ଇନ୍ଧନ ଉତ୍ପାଦନ କରିବା ପାଇଁ କୃଷିଜାତ ପଦାର୍ଥମାନଙ୍କ ଉପରେ ଚାପ ବୃଦ୍ଧି ପାଇ ଖାଦ୍ୟଶସ୍ୟ ଯୋଗାଣ ବ୍ୟାହତ ହେବ। ତା' ବାଦ୍ ତୈଳଭିତିକ ରାସାୟନିକ ସାର ଯୋଗାଣ ବାଧାପ୍ରାପ୍ତ ହେବା ଦ୍ୱାରା ଖାଦ୍ୟଶସ୍ୟ ଅମଳ ବାଧାପ୍ରାପ୍ତ ହେବ। ଉଲ୍ଲେଖଯୋଗ୍ୟ, ଭାରତ ଆବଶ୍ୟକ କରୁଥିବା ମୋଟ ରାସାୟନିକ ସାର ଯୋଗାଣର ୪୦ ଶତାଂଶ ପଶ୍ଚିମ ଏସୀୟ ଉତ୍ସ ଉପରେ ନିର୍ଭର କରିଥାଏ। ସରକାର ସବ୍ ?ସିଡି ମାଧ୍ୟମରେ ସାର ଦରକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କଲେ ମଧ୍ୟ ଯୋଗାଣ ବ୍ୟାହତ ହେବା ଯୋଗୁଁ ଯଥେଷ୍ଟ ସାର କୃଷକମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ଉପଲବ୍ଧ ନ ହୋଇପାରେ। ଯାହା ସର୍ବାଧିକ ଚିନ୍ତାଜନକ, ତାହା ହେଲା, ଆମର ସର୍ବାଧିକ ବ୍ୟବହୃତ ସାର ୟୁରିଆର ଦୁଇ-ତୃତୀୟାଂଶ ଯୋଗାଣ ପାଇଁ ଆମେ ପଶ୍ଚିମ ଏସିଆ ଉପରେ ନିର୍ଭର କରିଥାଉ। ଏଇ ଜଟିଳ ପରିସ୍ଥିତିକୁ ଯାହା ଆହୁରି ଜଟିଳତର କରିବାର ସମ୍ଭାବନା ସୃଷ୍ଟି କରିଥାଏ, ତାହା ହେଉଛି ମୌସୁମୀ ବୃଷ୍ଟିପାତ ସମ୍ବନ୍ଧରେ ପ୍ରକାଶ ପାଇଥିବା ପୂର୍ବାନୁମାନ। ଏଥର ସରକାରୀ ପାଣିପାଗ ସଂସ୍ଥା 'ଆଇଏମ୍‌ଡି' ଏବଂ ବେସରକାରୀ ପାଣିପାଗ ପୂର୍ବାନୁମାନ ସଂସ୍ଥା 'ସ୍କାଏମେଟ୍'ର ପୂର୍ବାନୁମାନ ମଧ୍ୟରେ ଏକ ବିରଳ ସହମତି ପରିଲକ୍ଷିତ ହୋଇଛି, ଯାହା ଅନୁସାରେ ଉଭୟ ସଂସ୍ଥା ଆଗାମୀ ମୌସୁମୀ ଋତୁରେ ଭାରତରେ ବୃଷ୍ଟିପାତ ନିଅଂଟିଆ ହେବାକୁ ଯାଉଛି ବୋଲି ସୂଚନା ପ୍ରକାଶ କରିଛନ୍ତି। ଏଥର ମୌସୁମୀ ବୃଷ୍ଟିପାତ ଦୀର୍ଘକାଳୀନ ହାରାହାରିର ୯୨ ଶତାଂଶ ହେବ ବୋଲି 'ଆଇଏମ୍‌ଡି' ଅନୁମାନ କରୁଥିବା ବେଳେ, ତାହା ୯୪ ଶତାଂଶ ହେବ ବୋଲି 'ସ୍କାଏମେଟ୍' ଅନୁମାନ କରୁଛି। ପ୍ରଶାନ୍ତ ମହାସାଗରରେ ସୃଷ୍ଟ 'ଏଲ୍ ନିନୋ' ପ୍ରଭାବରେ ଏହା ଘଟିବ ବୋଲି ଆଶଙ୍କା କରାଯାଉଛି। ତେବେ ମୌସୁମୀ ଆଗମନର ଠିକ୍ ପୂର୍ବରୁ ପ୍ରକାଶିତ ପୂର୍ବାନୁମାନ ଏକ ଅଧିକ ନିର୍ଭୁଲ୍ ଚିତ୍ର ପ୍ରଦାନ କରିବ ବୋଲି ଆଶା କରାଯାଏ। ଯେଉଁ ସମୟରେ ଖାଦ୍ୟ ମୁଦ୍ରାସ୍ଫୀତି ପୁଣି ମୁଣ୍ଡ ଟେକିବାକୁ ଆରମ୍ଭ କରିଛି, ସେଇ ସମୟରେ ନିଅଂଟିଆ ମୌସୁମୀ ବୃଷ୍ଟିପାତ ଯୋଗୁଁ ସଂକୁଚିତ ෙ?ଯାଗାଣ ତାହାକୁ ଆହୁରି ଖରାପ କରିବ। ଯୁଦ୍ଧ ଓ ମୌସୁମୀର ଦ୍ୱୈତ ଆକ୍ରମଣର ମୁକାବିଲା ନିମିତ ସରକାରଙ୍କୁ ବେଳହୁଁ ପ୍ରସ୍ତୁତ ରହିବାକୁ ହେବ। ସୌଭାଗ୍ୟକୁ ପରିସ୍ଥିତିର ମୁକାବିଲା ନିମିନ୍ତ ସରକାରଙ୍କ ପାଖରେ ଯଥେଷ୍ଟ ବଫର୍ ଷ୍ଟକ୍ ମହଜୁଦ ଅଛି। ତା' ସହିତ ଏକ ସୁଚିନ୍ତିତ ନିଯୁକ୍ତି ସୃଷ୍ଟି ଯୋଜନା କାର୍ଯ୍ୟକାରୀ କରି ସରକାର ସମ୍ଭାବ୍ୟ ବିପଦର ମୁକାବିଲା କରିପାରିବେ ବୋଲି ମନେ ହୁଏ।

ଏକାଦଶ ଜ୍ଞାନାବତାରା ଶ୍ରୀଆଦିଶଙ୍କର

ବ୍ରହ୍ମ ହିଁ ଏକ ଏବଂ ସତ୍ୟ । ଜୀବ ବ୍ରହ୍ମଠାରୁ ପୃଥକ ନୁହେଁ । ଏହାର ପ୍ରାମାଣିକତା ପାଇଁ ହଜାର ହଜାର ଗ୍ରନ୍ଥ ଲେଖାଯାଇଛି କରାଯାଇଛି । ବାସ୍ତବରେ ଉପରୋକ୍ତ ମର୍ମସ୍ପର୍ଶୀ ବିଷୟକୁ ଶାସ୍ତ୍ରୀୟ ବିଧାନରେ ଆଲୋଚନା, ପର୍ଯ୍ୟାଲୋଚନା କଲେ ଏହାର ଗଭୀରତାର ଶେଷ ସୀମାରେ ଆମ୍ଭେମାନେ ପହଂଚି ପାରୁନାହୁଁ । ଉପନିଷଦ, ପୁରାଣ ଶାସ୍ତ୍ରମାନଙ୍କରେ ବିଶଦ ଭାବରେ ବର୍ଣ୍ଣିତ ଅଛି ଯେ ବ୍ରହ୍ମ ଏପରି ଏକ ଶବ୍ଦ, ଏପରି ଏକ ବସ୍ତୁ, ଏପରି ଏକ ଭାବନା ଉତ୍ସର କେନ୍ଦ୍ରବିନ୍ଦୁ, ଏପରି ଏକ ମନ୍ତବ୍ୟର ଅନନ୍ତ ସୀମା, ଏପରି ଏକ ନିର୍ଣ୍ଣୟର ଚୂଡ଼ାନ୍ତ ପ୍ରକ୍ରିୟା ଯାହା ସମ୍ବନ୍ଧରେ କୌଣସି ସିଦ୍ଧାନ୍ତ ଗ୍ରହଣ କରାଯାଇପାରେ ନାହିଁ । ବ୍ରହ୍ମ ହେଉଛନ୍ତି ଅବ୍ୟକ୍ତ, ଅଚିନ୍ତ୍ୟ, ନିର୍ଗୁଣ, ଅଚ୍ୟୁତ, ଅନନ୍ତ, ଅରୂପ, ନିରଞ୍ଜନ, ଅସୀମ, ଅତୀନ୍ଦ୍ରିୟ, ଅବାଙ୍ମାନସଗୋଚର, ଦ୍ୱନ୍ଦାତୀତ, ଯାହାକି ଏ ସମସ୍ତ ଚେତନାର ଊର୍ଦ୍ଧ୍ୱରେ । ପୁନଃ ସେହି ବ୍ରହ୍ମକୁ ଚେତନାର ପରିସରକୁ ଆଣିବାର ଯୌଗିକ ପ୍ରକ୍ରିୟା ଆଗମ ପ୍ରକ୍ରିୟା ଏବଂ ଉକ୍ତ ପ୍ରକ୍ରିୟାରେ କୁହାଯାଇଛି ବ୍ରହ୍ମ, ଆତ୍ମା ଭଗବାନ ବ୍ରହ୍ମ ହେଲେ ସଗୁଣ, ସାକାର, ନିତ୍ୟ, ଶାଶ୍ୱତ ସତ୍ୟ, ଶୁଦ୍ଧ ବୁଦ୍ଧ ମୁକ୍ତ ଜ୍ଞାନ ବୋଲି ଭଗବତପାଦ ଜଗତଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କ କୃତବ୍ରହ୍ମସୂତ୍ର ଶଙ୍କରଭାଷ୍ୟରେ ବଳିଷ୍ଠ ପ୍ରମାଣ ସହ ଅକାଟ୍ୟ ଯୁକ୍ତିର ସତ୍ୟତା ପ୍ରତିପାଦନ କରିଛନ୍ତି । ଉପରୋକ୍ତ ଶ୍ଳୋକରୁ ଆଦିଶଙ୍କରାଚାର୍ଯ୍ୟଙ୍କର ପ୍ରଚଣ୍ଡ ବାଗ୍ମୀତା ଜ୍ଞାନର ଅପୂର୍ବ ସମାହାର ଏହା ବିଦ୍ୱତ ସମାଜକୁ ଚକିତ କରିପକାଏ । ଯେଉଁ ଧର୍ମର ଅପ୍ରତିହତ ଶକ୍ତିବଳରେ ସମଗ୍ର ବିଶ୍ୱର ସୃଷ୍ଟି, ସ୍ଥିତି ଓ ସଂହାର ପ୍ରକ୍ରିୟା ସୁଚାରୁ ରୂପେ ଚକ୍ରବତ୍ ସମ୍ପାଦିତ ହୋଇଆସୁଛି ସେହି ଧର୍ମ ହିଁ ସନାତନ ଧର୍ମ । ଧର୍ମ ରକ୍ଷତି ରକ୍ଷିତମ୍ । ଅର୍ଥାତ୍, ଧର୍ମକୁ ପାଳନ କରୁଥିବା ଧାର୍ମିକକୁ ଧର୍ମ ସର୍ବଦା ରକ୍ଷା କରିଥାଏ । ସନାତନ ଧର୍ମକୁ ଯଦି ରୂପ ଦିଆଯାଏ ତେବେ ତାହା ହେଉଛି ଭାରତ ବର୍ଷ । ଭାରତ ହିଁ ସାକ୍ଷାତ ସନାତନ ଧର୍ମର ପାର୍ଥିବ ଶରୀର ଅଟେ । ଭାରତକୁ ଧର୍ମର ଦେଶ, ଜ୍ଞାନର ଦେଶ, ସତ୍ୟତାର ଦେଶ, ତ୍ୟାଗ ଓ ତପସ୍ୟାର ଦେଶ ଓ ସେବାର ଦେଶ ବୋଲି ଶାସ୍ତ୍ରରେ କୁହାଯାଏ । ସେହି ଭାରତରେ କେବଳ ଧର୍ମ ତଥା ସତ୍ୟରକ୍ଷା ପାଇଁ ପୁରାଣ ପ୍ରସିଦ୍ଧ ପୁଣ୍ୟଶ୍ଳୋକ ନରେଶମାନେ, ତପସ୍ୱୀମାନେ ତାଙ୍କର ତନ, ମନ, ଧନ ଏବଂ ପ୍ରାଣସର୍ବସ୍ୱ ଜଳାଞ୍ଜଳି ଦେଇଛନ୍ତି । ଯଥା– ହରିଶ୍ଚନ୍ଦ୍ର, ନଳ, ଶିବି, ପୁରୁ, କୁରୁ, ଜନକ, ଦଶରଥ, ଋଷି ଜମଦଗ୍ନି, ନଚିକେତା, ବଶିଷ୍ଠ, ବିଶ୍ୱାମିତ୍ର, ଯାଜ୍ଞବଲ୍କ୍ୟ ଭରଦ୍ୱାଜ, ଶ୍ରବଣ କୁମାର ଇତ୍ୟାଦି ଚିରଅମର ଓ ଯଶସ୍ୱୀ । ସେହି ଦେବଭୂମି ଭାରତବର୍ଷରେ ଯେତେବେଳେ ଅଧର୍ମ, ଗ୍ଲାନି, ଭ୍ରଷ୍ଟାଚାର, ହିଂସା, କୁସଂସ୍କାର, ଅନ୍ଧବିଶ୍ୱାସର ପାପାଗ୍ନିରେ ଅର୍ଦ୍ଧଦଗ୍ଧ ହୋଇ ମରଣାନ୍ତକ ଜ୍ୱାଳାରେ ବ୍ୟଥିତ ସମଗ୍ର ଜୀବକୁଳ ତ୍ରାହିମାଂ, ତ୍ରାହିମାଂ ଚିତ୍କାର କରନ୍ତି । ସେହି କରୁଣା ଆର୍ତ୍ତନାଦରୁ ମହାଶକ୍ତି ସୃଷ୍ଟି ହୋଇ ଅବତାର ରୂପ ପରିଗ୍ରହ କରି ଭାରତ ଭୂମିରୁ ଅଧର୍ମକୁ ଦୂରୀଭୂତ କରି ମ୍ଳେଚ୍ଛ, ଦୁଷ୍ଟ, ପାଷାଣ୍ଡ, ସାମ୍ପ୍ରଦାୟବାଦୀ ଦୁରାଚରୀ ନାସ୍ତିକମାନଙ୍କୁ ଶାସ୍ତ୍ରଜ୍ଞାନରେ ପରାଭୂତ କରି ଭାରତରେ ଏକ ବିରାଟ ସାମାଜିକ, ରାଜନୈତିକ, ଆର୍ଥିକ, ଧାର୍ମିକ ମହାସଂସ୍କାର ଆଣି ପୁନଃ ରାମରାଜ୍ୟ ସ୍ଥାପନ କରାନ୍ତି । ଠିକ୍ ଆଜିକୁ ୨୫୩୫ ବର୍ଷ ପୂର୍ବେ ଭାରତରେ ଦେଖାଦେଇଥିବା ଘନ ଘୋର ଘଡ଼ିସନ୍ଧି ମୁହୂର୍ତ୍ତରେ ମାନବ ସମାଜକୁ ସମସ୍ତ କ୍ଷେତ୍ରରେ ଉଦ୍ଧାର କରିବା ପାଇଁ ଭଗବାନ ଶିବ ଅବତାର ଗ୍ରହଣ କରିଥିଲେ । ମହର୍ଷି ବ୍ୟାସଦେବଙ୍କ ଦ୍ୱାରା ଲିଖିତ ଭବିଷ୍ୟୋତ୍ତର ପୁରାଣରେ ବର୍ଣ୍ଣିତ ଅଛି "କଲୌରୁଦ୍ରୋ ମହାଦେବୋ ଲୋକନାମୀଶ୍ୱର ପରଃ । କରିଷ୍ୟତ୍ୟବତାରଂ ସଂ ଶଙ୍କରୋନୀଳ ଲୋହିତଃ" (ଭବିଷ୍ୟୋତର ପୁରାଣ) । କଳିଯୁଗରେ ଭଗବାନ ଶିବ ମାନବ କଲ୍ୟାଣ, ଜଗତକଲ୍ୟାଣ ଓ ଜୀବୋଦ୍ଧାର ନିମନ୍ତେ ଶଙ୍କରାଚାର୍ଯ୍ୟ ରୂପେ ଅବତାର ଗ୍ରହଣ କରିବେ । ଏହି ଶାସ୍ତ୍ରୀୟ ଉକ୍ତିର ସତ୍ୟତା ପ୍ରତିପାଦନ କରିବା ପାଇଁ ଭାରତର ଦାକ୍ଷିଣାତ୍ୟ ଅଂଚଳ କେରଳ ପ୍ରଦେଶରେ କାଲାଡି ନାମକ ଗ୍ରାମରେ ନମ୍ବୁତରୀ ସମ୍ପ୍ରଦାୟର ବ୍ରାହ୍ମଣ ପରିବାରରେ ପରମ ନିଷ୍ଠାବାନ ଶିବଭକ୍ତ ଶିବଗୁରୁ ଓ ମାତା ଆର୍ଯ୍ୟାମ୍ବାଙ୍କ କୋଳମଣ୍ଡନ କରି ଯୁଧିଷ୍ଠିର ସକ ସମ୍ବତ ୨୬୩୧ (ଖ୍ରୀଷ୍ଟାବ୍ଦ ୫୦୯) ବୈଶାଖ ଶୁକ୍ଳ ପଂମୀ ତିଥିରେ ଦିବା ୧୨ଘଟିକା ସମୟରେ ଏକ ପୁତ୍ରସନ୍ତାନ ଜନ୍ମଗ୍ରହଣ କରିଥିଲା । ପିତାମାତାଙ୍କର ପୂର୍ବସ୍ୱପ୍ନ ବୃତ୍ତାନ୍ତନୁସାରେ ପୁତ୍ରର ଜନ୍ମ ହୋଇଥିବାରୁ ବାଳକଟିର ନାମକରଣ ଶଙ୍କର ଦିଆଯାଇଥିଲା । ବାଳକ ଶଙ୍କର ଜନ୍ମରୁ ହିଁ ଅଲୌକିକ ପ୍ରତିଭାସମ୍ପନ୍ନ ଥିଲେ । ଜନ୍ମକୁଣ୍ଡଳୀରେ ତାଙ୍କର ଅବତାର ଯୋଗ ଥିଲା । ବାଳକଟିର ଦେବ ଐଶ୍ୱର୍ଯ୍ୟ ରୂପଲାବଣ୍ୟ, ତେଜୋଦୀପ୍ତ ଶରୀର ଏବଂ ପ୍ରଚଣ୍ଡ ମେଧାଶକ୍ତିର ପ୍ରଭାବ ଫଳରେ ସମସ୍ତ ପରିଜନଙ୍କର ଆଦରର ପାତ୍ର ଥିଲେ । କିନ୍ତୁ ପିଲାଟି ଦିନରୁ ତାଙ୍କର ପିତୃ ବିୟୋଗ ଘଟିଥିଲା । ଏଣୁ ବୃଦ୍ଧା ମାତା ଆର୍ଯ୍ୟାମ୍ବାଙ୍କର ସେ ଏକୋଇର ବଳା ବିଶିକେଶନ ଥିଲେ । ବାଳକ ଶଙ୍କର ଯେପରି ପିତୃ ବିୟୋଗର ଦାରୁଣ ଦୁଃଖ ଅନୁଭବ କରିନପାରିବେ ସେଥିନିମନ୍ତେ ଆର୍ଯ୍ୟାମ୍ବା ତାଙ୍କର ସମସ୍ତ ବାତ୍ସଲ୍ୟ ମମତା ବାଳକ ଶଙ୍କରଙ୍କ ଉପରେ ଢାଳି ଦେଇଥିଲେ । ବାଳକ ଶଙ୍କର ୫ବର୍ଷ ବୟସରେ ବିଦ୍ୟାଶିକ୍ଷା ଅର୍ଜନ କଲେ । ୭ବର୍ଷ ବୟସରେ ଉପନୟନ ସଂସ୍କାର ହେଲେ । ୮ବର୍ଷ ବୟସରେ ସମସ୍ତ ବେଦ ବେଦାନ୍ତ ଶାସ୍ତ୍ର ଅଧ୍ୟୟନପୂର୍ବକ ସର୍ବଶାସ୍ତ୍ର ବିଶାରଦ ହୋଇଥିଲେ । ଗୁରୁ ଗୃହରେ ବିଦ୍ୟାଶିକ୍ଷା କରିବା ସମୟରେ ସେ ଗୁରୁଙ୍କ ମୁଖରୁ ଶୁଣିଥିଲେ ଯେ, ମହାନ ଯୋଗୀ ପତଞ୍ଜଳି ଗୋବିନ୍ଦପାଦ ନାମରେ ନର୍ମଦା ତୀରସ୍ଥ କୌଣସି ଗୁମ୍ଫାରେ ବହୁକାଳରୁ ସମାଧିସ୍ଥ ଅଛନ୍ତି । ଏହା ଶୁଣି ବାଳକ ଶଙ୍କର ତାହାଙ୍କୁ ମନେମନେ ଗୁରୁ ରୂପେ ବରଣ କରିନେଇଥିଲେ । ବାଳକ ଶଙ୍କରଙ୍କ ସନ୍ନ୍ୟାସ ନେବା ଇଚ୍ଛା ପ୍ରବଳତର ହେବାରୁ ମାତା ଆର୍ଯ୍ୟାମ୍ବାଙ୍କଠାରୁ ସ୍ନାନ କରିବା ସମୟରେ କୁମ୍ଭୀର ଆକ୍ରମଣ କରିବାର ଲୀଳା ରଚନା କରି ଶେଷରେ ସନ୍ନ୍ୟାସ ଗ୍ରହଣର ଅନୁମତି ପ୍ରାପ୍ତପୂର୍ବକ ଗୃହତ୍ୟାଗ କରି ଗୁରୁ ଅନ୍ୱେଷଣରେ ନର୍ମଦା ଅଭିମୁଖେ ଗମନ କଲେ । ନର୍ମଦା ତୀରସ୍ଥ ଏକ ଗୁମ୍ଫାରେ ଗୁରୁ ଗୋବିନ୍ଦପାଦଙ୍କ ଦର୍ଶନପୂର୍ବକ ନିଜର ଅଚଳା ଗୁରୁଭକ୍ତିରେ ଗୋବିନ୍ଦପାଦଙ୍କୁ ଅତ୍ୟନ୍ତ ସନ୍ତୋଷ କରି ତାଙ୍କଠାରୁ ସନ୍ନ୍ୟାସ ଗ୍ରହଣ କଲେ । ସେଠାରେ ଅଷ୍ଟାଙ୍ଗ ଯୋଗ ସାଧନ କରି ବ୍ରହ୍ମତନ୍ତ୍ରର ନିଗୂଢ଼ ରହସ୍ୟକୁ ହୃଦୟଙ୍ଗମ କରି ବ୍ରହ୍ମ ସାକ୍ଷାତକାର ହୋଇ ବ୍ରହ୍ମବିତ ହେଲେ । ଗୁରୁ ଗୋବିନ୍ଦପାଦଙ୍କ ଆଦେଶାନୁସାରେ ରାଷ୍ଟ୍ରର କଲ୍ୟାଣ ପାଇଁ ସ୍ୱୟଂ ବ୍ରହ୍ମଜ୍ଞାନର ଅମୋଘ ଶକ୍ତି ବଳରେ ସମଗ୍ର ଭାରତର ସମସ୍ତ କ୍ଷେତ୍ରକୁ ପଦଯାତ୍ରା କରି ସମସ୍ତ ସମ୍ପ୍ରଦାୟର ବିଦ୍ୱାନ, ପଣ୍ଡିତ, ନୀରିଶ୍ୱରବାଦୀ, ନାସ୍ତିକବାଦୀ ବୌଦ୍ଧ, ଜୈନ, କାପାଳିକ ତାନ୍ତ୍ରିକବାଦୀମାନଙ୍କୁ ଅଦ୍ୱୈତଜ୍ଞାନ ରୂପକ ଖଡ୍ଗରେ ତଥା ସମସ୍ତ ସମ୍ପ୍ରଦାୟକୁ ପରାଭୂତ କରି ନୂତନ ଅଦ୍ୱୈତବାଦର ଅଭ୍ୟୁଦୟ କଲେ । ଅଦ୍ୱୈତବାଦରେ ବ୍ରହ୍ମ ବିବେକ ତତ୍ତ୍ୱ ପ୍ରତିପାଦିତ ହୋଇଛି । ବ୍ରହ୍ମ ସତ୍ୟ ଏବଂ ଜଗତର ସର୍ବ ବସ୍ତୁ ମିଥ୍ୟା । ଯେତେବେଳ ପର୍ଯ୍ୟନ୍ତ ବ୍ରହ୍ମଜ୍ଞାନର ଉଦୟ ହୋଇନାହିଁ ସେତେବେଳ ପର୍ଯ୍ୟନ୍ତ ଜୀବଜଗତ ସତ୍ୟ ରୂପେ ପରିଦୃଶ୍ୟ ହୋଇଥାନ୍ତି । ଦ୍ୱୈତଜ୍ଞାନ ହିଁ ଅବିଦ୍ୟା ଏବଂ ପ୍ରପଂପୂର୍ଣ୍ଣ । ଆଚାର୍ଯ୍ୟପାଦ ଶଙ୍କରଙ୍କର ପ୍ରସ୍ଥାନ ତ୍ରୟୀ ଏକାନ୍ତ ପ୍ରଣିଧାନଯୋଗ୍ୟ ଅଟେ । ବ୍ରହ୍ମସୂତ୍ର, ଉପନିଷଦ, ଗୀତା, (୧) ଶ୍ରୁତି ପ୍ରସ୍ଥାନ, (୨) ସ୍ମୃତି ପ୍ରସ୍ଥାନ, (୩) ନ୍ୟାୟ ପ୍ରସ୍ଥାନ । ଭାଗବତ ଗୀତା ହେଉଛି ସ୍ମୃତି । ବେଦ- ଅପୌରୁଷେୟ, ବେଦରେ କୌଣସି ପୁରୁଷ ପ୍ରକୃତି ପ୍ରଯୁକ୍ତ ବୁଦ୍ଧି ନାହିଁ । ଏଣୁ ବେଦ ହେଉଛି ଶ୍ରୁତି । ବେଦ ଅନନ୍ତ ଶାଖା ଯୁକ୍ତ ଅଟେ । ଏହା ସତ୍ୟ ଓ ଶାଶ୍ୱତ ଅଟେ । ବେଦ ୪ ଭାଗରେ ବିଭକ୍ତ ଯଥା– ୧) ସଂହିତା, ୨) ବ୍ରହ୍ମଣ, ୩) ଆରଣ୍ୟକ, ୪) ଉପନିଷଦ । ସଂହିତା ଦୁଇଭାଗରେ ବିଭକ୍ତ ଯଥା- ସ୍ତୋତ୍ରଭାଗ, ମନ୍ତ୍ରଭାଗଜ୍ଞ ବ୍ରହ୍ମଣ- କର୍ମକାଣ୍ଡ ବ୍ୟାଖ୍ୟା, ଆରଣ୍ୟକ- ବିଭିନ୍ନ ପ୍ରକାରର ଭକ୍ତି ଓ ଉପାସନା କାଣ୍ଡ ଇତ୍ୟାଦି, ଉପନିଷଦ- ଆତ୍ମଜ୍ଞାନ ପ୍ରଦାନର ତନ୍ତ୍ର । ଭଗବଦପାଦ ଜଗଦଗୁରୁ ଆଦି ଶଙ୍କରାଚାର୍ଯ୍ୟ ମହାଭାଗ ଯୁଧିଷ୍ଠିର ସକ ସମ୍ବତ ୨୬୫୦ ବୈଶାଖ ଶୁକ୍ଳ ତ୍ରୟୋଦଶୀରେ ଦିଗବିଜୟ ଯାତ୍ରା ଆରମ୍ଭ କରି ପଦବ୍ରଜରେ ଭାରତର ସମସ୍ତ ପ୍ରାଚୀନ ପୀଠ, ତୀର୍ଥ ମନ୍ଦିର ଆଦି ଭ୍ରମଣ କରି ସନାତନ ଧର୍ମ ପ୍ରଚାର ପ୍ରସାର ଓ ସୁରକ୍ଷା କାର୍ଯ୍ୟକୁ ତ୍ୱରାନ୍ୱିତ କଲେ । ବ୍ରହ୍ମ ଉପଦେଷ୍ଟା ଆଚାର୍ଯ୍ୟପାଦ ଶଙ୍କର ଜ୍ଞାନର ମହିମା ପ୍ରଚାର କରି ଜଗତରେ ଅକ୍ଷୟ କୀର୍ତ୍ତି ସ୍ଥାପନ କରିଛନ୍ତି । ତତ୍କାଳୀନ ମୂର୍ଦ୍ଧନ୍ୟ ବୌଦ୍ଧ ପଣ୍ଡିତ ମଣ୍ଡନ ମିଶ୍ର ଯାହାଙ୍କୁ ବ୍ରହ୍ମାଙ୍କ ଅବତାର ବୋଲି ଗ୍ରହଣ କରାଯାଏ ତାଙ୍କୁ ଶାସ୍ତ୍ରଜ୍ଞାନରେ ପରାସ୍ତ କରି ସମଗ୍ର ଭାରତରେ ସନାତନ ହିନ୍ଦୁଧର୍ମକୁ ପୁନଃ ସ୍ଥାପନ କରିଥିଲେ । ଜ୍ଞାନର ଚାରି ଆଲୋକ ସ୍ତମ୍ଭ ସଦୃଶ ଭାବରେ ଚତୁର୍ଧାମରେ ଚାରି ପୀଠ ସ୍ଥାପନ କରି ରାଷ୍ଟ୍ରର ଅଖଣ୍ଡତା ଓ ଏକତା ଆଣିପାରିଥିଲେ । ସମସ୍ତ ତୀର୍ଥାଟନ କରି ସେଠାରେ ହିନ୍ଦୁଧର୍ମାନୁସାରେ ପୂଜାପଦ୍ଧତିର ନିତ୍ୟ ପ୍ରଚଳନର ବ୍ୟବସ୍ଥା କରିଥିଲେ, ଯାହାକି ଆଜିବି ମଧ୍ୟ ପ୍ରଚଳନ ହେଉଛି । ଭଗବତପାଦ ଆଦି ଶଙ୍କରଙ୍କ ଠାରେ ବିଶେଷ ଲକ୍ଷଣ ଦେଖାଯାଇଥିଲା । ସେ ଏକେଶ୍ୱରବାଦର ମହାନ ପ୍ରବକ୍ତା ଥିଲେ ମଧ୍ୟ ଭକ୍ତିସୂତ୍ରରେ ମୂର୍ତ୍ତିପୂଜାର ପ୍ରଚଣ୍ଡ ଉପାସକ ଥିଲେ । ଆଦି ଶଙ୍କରାଚାର୍ଯ୍ୟ ଭାରତରେ ଏକ ବିରାଟ ବୈଦିକ ପରିବର୍ତ୍ତନ ବା ସଂସ୍କାର ଆଣିଥିଲେ । ସେ ଜ୍ଞାନବାଦ, ଏକେଶ୍ୱରବାଦ, ଅଦ୍ୱୈତବାଦକୁ ପରବର୍ତ୍ତୀ ସମୟରେ ଅନନ୍ୟ ଭକ୍ତିବାଦରେ ମିଶ୍ରଣ କରି ସମାଜରୁ ସମସ୍ତ ବର୍ଣ୍ଣର ଲୋକଙ୍କୁ ଏକୀଭୂତ କରିପାରିଥିଲେ । ବୌଦ୍ଧମାନଙ୍କର ଶୂନ୍ୟବାଦ ତତ୍ତ୍ୱର ଉଦାହରଣ ସ୍ୱରୂପ । ଏକ ଜଳୁଥିବା ଦୀପ ଲିଭିଗଲା, ବୌଦ୍ଧ ଦାର୍ଶନିକ ଭାଷାରେ ପ୍ରଜ୍ଜ୍ୱଳିତ ଦୀପ ଅଗ୍ନିର ନିର୍ବାଣ ପ୍ରାପ୍ତ ହେଲା ବା ଶୂନ୍ୟରେ ମିଳିଗଲା ଆଉ ଆମେ ଏହାକୁ ପାଇବା ନାହିଁ । କିନ୍ତୁ ଶଙ୍କରାଚାର୍ଯ୍ୟଙ୍କର ଅଦ୍ୱୈତବାଦ ହେଉଛି ପୂର୍ଣ୍ଣବାଦ । ଅର୍ଥାତ୍, ନଦୀର ଜଳ ସାଗରରେ ମିଶିଗଲା କିନ୍ତୁ ଆମେ କହିପାରିବା ନାହିଁ ଯେ ନଦୀଜଳ ସାଗରରେ ନାହିଁ, ଏହା ହେଉଛି ପୂର୍ଣ୍ଣବାଦ । ନଦୀର ଜଳ ସାଗରରେ ମିଶି ଏହାର ପରିପୂର୍ଣ୍ଣତା ପ୍ରାପ୍ତହେଲା ଶୂନ୍ୟତା ନୁହେଁ । ଭଗବତପାଦ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସମସ୍ତ ଜ୍ଞାନର ଘନ ବିଗ୍ରହ ମୂର୍ତ୍ତି କହିଲେ କୌଣସି ଅତ୍ୟୁକ୍ତି ହେବନାହିଁ । ବ୍ରହ୍ମବିତ୍, ବ୍ରହ୍ମଜ୍ଞ, ବ୍ରହ୍ମ ଉପଦେଷ୍ଟା ଆଚାର୍ଯ୍ୟପଦ ଶଙ୍କର ଅଦ୍ୱୈତ ଜ୍ଞାନର ମହିମା ପ୍ରଚାର କରି ଜଗତରେ ଅକ୍ଷୟ କୀର୍ତ୍ତି ସ୍ଥାପନ କରିଯାଇଛନ୍ତି । ଯାହା ସାଧାରଣ ମନୁଷ୍ୟ ପକ୍ଷରେ ଏପରି ବିରାଟ ଧାର୍ମିକ, ସାମାଜିକ, ସାଂସ୍କୃତିକ, ଦାର୍ଶନିକ ଏବଂ ରାଜନୈତିକ ପରିବର୍ତ୍ତନ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଜ୍ଞାନକୁ ସେ ସର୍ବଶ୍ରେଷ୍ଠ ବୋଲି ସର୍ବତ୍ର ପ୍ରତିପାଦ୍ୟ କରିଛନ୍ତି ଏବଂ ଯାହାକି ନିଜର ଅଲୌକିକ ପୂର୍ଣ୍ଣ ଜୀବନରେ ଭୁରି ଭୁରି ପ୍ରମାଣ ଦର୍ଶାଇ ଯାଇଛନ୍ତି । ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଅର୍ଜୁନଙ୍କୁ କହୁଛନ୍ତି "ତେଷାଂଜ୍ଞାନୀ ନିତ୍ୟଯୁକ୍ତ ଏକ ଭକ୍ତ ବଶିଷ୍ୟତେ, ପ୍ରିୟୋହୀ ଜ୍ଞାନୀନୋ ତ୍ୟର୍ଥ ମହଂ ସ ଚ ମମ ପ୍ରିୟ" (ଶ୍ରୀମଦ୍ ଭାଗବତ ଗୀତା)– ହେ ଅର୍ଜୁନ ସର୍ବଦା ମୋ ପ୍ରତି ନିଷ୍ଠାବାନ ଓ ଅନନ୍ୟ ଭକ୍ତ ଜ୍ଞାନୀ ହେଉଛି ଶ୍ରେଷ୍ଠ 'ମୁଁ ଜ୍ଞାନୀର ଅତିଶୟ ପ୍ରିୟ ଏବଂ ସେ ମୋର ଅତି ପ୍ରିୟ' । ଭଗବତପାଦ ଆଚାର୍ଯ୍ୟ ଶଙ୍କର ମହାମୁନି ବ୍ୟାସଦେବଙ୍କ କୃତ ବେଦାନ୍ତର ଭାଷ୍ୟ ବ୍ରହ୍ମସୂତ୍ର ଶଙ୍କର ଭାଷ୍ୟ ରଚନା କରିବା ସମୟରେ ଏହାର ନିର୍ଭୁଲତା ନିମନ୍ତେ ସାକ୍ଷାତ ବ୍ୟାସଦେବ ଆସି ପରୀକ୍ଷା କରି ସ୍ୱୀକୃତି ପ୍ରଦାନ କରିଥିଲେ । ଏହି ଅଦ୍ୱୈତ ଜ୍ଞାନର ପ୍ରସାର ପାଇଁ ଆଚାର୍ଯ୍ୟ ଶଙ୍କର ପଦବ୍ରଜରେ ଭାରତର ହିମାଳୟ କ୍ଷେତ୍ର କାଶ୍ମୀର ପ୍ରଦେଶରେ ପହଂଚି ସେଠାରେ ଅବସ୍ଥିତ ଭଗବତୀ ମାତା ସରସ୍ୱତୀଙ୍କର ସାରଦା ପୀଠ, ଯାହା ସର୍ବଜ୍ଞ ପୀଠ ଭାବେ ଶାସ୍ତ୍ରବିଦିତ ଅଟେ । ସେଠାରେ ସୁରମ୍ୟ ପ୍ରାଚୀନ ଚାରି ଦ୍ୱାରବିଶିଷ୍ଟ ମନ୍ଦିର ଅବସ୍ଥିତ । ଏହି ଚାରି ଦ୍ୱାରରେ ଭାରତର ଚାରି ଦିଗର ଅଧିବାସୀଙ୍କର ପ୍ରବେଶପୂର୍ବକ ଦର୍ଶନ କରିବାର ପୂର୍ବ ବ୍ୟବସ୍ଥା ରହିଛି, କିନ୍ତୁ ଦକ୍ଷିଣ ଦ୍ୱାର ସର୍ବଦା ବନ୍ଦ ରହୁଥିଲା । କାରଣ ଦାକ୍ଷିଣାତ୍ୟରେ କୌଣସି ବିଦ୍ୱାନ ନଥିଲେ । ଏହା ଶଙ୍କରଙ୍କ ମନରେ ଗଭୀର ଆଘାତ ଦେଲା, ସେ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବା ମାତ୍ରେ ସମସ୍ତ ପଣ୍ଡିତ ଓ ବିଦ୍ୱାନମାନେ ତାହାଙ୍କୁ ବାରଣପୂର୍ବକ ସନ୍ତୋଷଜନକ ଶାସ୍ତ୍ରାଲୋଚନାର ଉତ୍ତର ନଦେଇ ପ୍ରବେଶ କରିପାରିବେନାହିଁ । ଆଚାର୍ଯ୍ୟ ଶଙ୍କର ଖୁବ୍ ସହଜରେ ସମସ୍ତ ପ୍ରଶ୍ନର ଉତ୍ତର ସନ୍ତୋଷଜନକ ଭାବରେ ପ୍ରଦାନ କରି ଗର୍ଭଗୃହ ମଧ୍ୟରେ ଥିବା ସର୍ବଜ୍ଞ ପୀଠରେ ଉପବେଶନ ପୂର୍ବକ ମା' ସାରଦାଙ୍କ ଦର୍ଶନ ସହିତ ଶାସ୍ତ୍ରାଲୋଚନ କରି ସର୍ବଜ୍ଞ ଉପାଧି ଲାଭ କରିଥିଲେ । ଭଗବତପାଦ ଆଚାର୍ଯ୍ୟ ଶଙ୍କରଙ୍କ ଲିଖିତ ଭଗବତପାଦ ଆଚାର୍ଯ୍ୟ ଶଙ୍କର ଶତାଧିକ ଅମୂଲ୍ୟ ଗ୍ରନ୍ଥ ରଚନା କରି ଭାରତର ସନାତନ ଧର୍ମର ସାରସ୍ୱତ କ୍ଷେତ୍ରକୁ ସମୃଦ୍ଧ କରି ଚିର ଯଶସ୍ୱୀ ହୋଇଛନ୍ତି । ପରିଶେଷରେ ଭଗବତପାଦ ଜଗଦଗୁରୁ ଆଦି ଶଙ୍କରାଚାର୍ଯ୍ୟ ନିଜର ଅଦ୍ଭୁତ ଓ ଅଲୌକିକ ଅଦ୍ୱୈତ୍ୱ ବ୍ରହ୍ମଜ୍ଞାନର ଅମୋଘ ଶକ୍ତି ବଳରେ ଆର୍ଯ୍ୟ ଭୂଖଣ୍ଡ ଭାରତବର୍ଷରେ ସନାତନ ହିନ୍ଦୁ ଧର୍ମର ପୁନଃସ୍ଥାପନ କରି ଯୁଧିଷ୍ଠିର ସକ ସମ୍ବତ ୨୬୬୩ (ଖ୍ରୀପୂର୍ବ ୪୭୭) ୩୨ବର୍ଷ ଆୟୁରେ କାର୍ତ୍ତିକ ଶୁକ୍ଳ ପଂଦଶୀ ତିଥିରେ ଯୋଗର ମହାସମାଧି ପ୍ରାପ୍ତପୂର୍ବକ ଶିବଲୋକ ଗମନ କରିଥିଲେ । ନମଃ ପାର୍ବତୀପତୟେ ହର ହର ମହାଦେବ ।

ଗୋ ଚାଲାଣ ବେଳେ ଚଢ଼ଉ

ଜୟପୁର : ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶ କ୍ରମେ ଟାଉନ ପୋଲିସ ରାତ୍ରରେ ପଇଁତରା କରୁଥିବା ସମୟରେ ଦୃତ ଗତିରେ ଯାଉଥିବା ଏକ ବଡ ଟ୍ରକ ନମ୍ବର ଟିଏନ୦୭ୟୁଏନ୧୨୨୭ କୁ ଅଟକାଇ ଯାଂଚ୍ କରିଥିଲା । ଏହି ଗାଡ଼ିରେ ୨ ଗୋଟି ବାଛୁରୀ ୨୪ ଗୋଟି ବଳଦ ଏବଂ ୧ ଷଣ୍ଢ ସହ ସମୁଦାୟ ୨୭ ଗୋଟି ଗୋରୁ ତେଲେଙ୍ଗାନା ରାଜ୍ୟର ଭଦ୍ରାଚାଲମକୁ ଚାଲାଣ ହେଉଥିବା ଡ୍ରାଇଭର ଏବଂ ହେଲପର ସୂତ୍ରରୁ ଜାଣିବାକୁ ପାଇଲେ । ଏହି ସବୁ ଗୋରୁଙ୍କୁ ନବରଙ୍ଗପୁର ଜିଲ୍ଲାର କିଛି ଗୋରୁ ବ୍ୟବସାୟୀ କୋଟପାଡ଼ ଅଂଚଳରୁ ସଂଗ୍ରହ କରି ଏହି ଗାଡ଼ିରେ ପଠାଉଥିଲେ ବୋଲି ଗାଡ଼ି ଡ୍ରାଇଭର କହିଛି । ଜୟପୁର ଉପଖଣ୍ଡ ପୋଲିସ ଅଧିକାରୀ କୁମାରୀ ଅର୍ଚ୍ଚିତା ମିତଲଙ୍କ ନିର୍ଦ୍ଦେଶ କ୍ରମେ ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଏହି ଗୋଚାଲାଣକୁ ଗୁରୁତ୍ୱର ସହ ବିଚାର କରି ଏସଆଇ ରାଜେନ୍ଦ୍ର କୁମାର ପାଙ୍ଗିଙ୍କୁ ଏହାର ତଦନ୍ତ ଭାର ଦେଇ ଗାଈ ଗୁଡ଼ିକୁ ପାଲିଗୁଡ଼ା ସ୍ଥିତ ଗୋଶାଳାରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଏସଆଇ ରାଜେନ୍ଦ୍ର ପାଙ୍ଗି ହାବିଲଦାର ଏବଂ ପୋଲିସ କର୍ମଚାରୀମାନେ ପାଲିଗୁଡ଼ା ଗୋଶାଳାକୁ ଗାଈ ଗୁଡ଼ିକ ହସ୍ତାନ୍ତର କରି ଜୟପୁର ପଶୁ ଚିକିତ୍ସା ଅଧିକାରୀ ଡା. ସୌଭାଗ୍ୟଙ୍କୁ ସୂଚନା ଦେବାପରେ ଗାଈ ଗୁଡ଼ିକର ସ୍ୱାସ୍ଥ୍ୟାବସ୍ଥା ଯାଂଚ୍ କରାଯାଇଥିଲା ଏବଂ ଡ୍ରାଇଭର ହେଲପର ଦୁହିଁଙ୍କୁ ଅଟକ ରଖି ପଚରା ଉଚୁରା ଚାଲିଛି ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ରକ୍ତ କର୍କଟରେ ଆକ୍ରାନ୍ତ ଶିଶୁର ଚିକିତ୍ସା ସହାୟତା ପାଇଁ ବୁର୍ଲା ଏକତା ମଂଚର ନିଆରା ପଦକ୍ଷେପ

ସମ୍ବଲପୁର,୨୪/୪(ନି/ପ୍ର):ନିଷ୍ପାପ ଶିଶୁକୁ ରକ୍ତ କର୍କଟ ଖେଳକୁଦ ସମୟରେ ଡାକ୍ତରଖାନା ଚକ୍କର କାଟିବାକୁ ପଡୁଛି । ପୁଣି ଅର୍ଥାଭାବ ଯୋଗୁଁ ମିଳି ପାରୁନି ଉନ୍ନତ ଚିକିତ୍ସା । ଏପରି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ବୁର୍ଲା ସହର ବଲେରପଡ଼ାରେ । ପଡ଼ାର ସତ୍ୟ ସୁନା (୩୫) ଓ ଦେବକୀ କୁମାର (୩୦)ଙ୍କ ଏକମାତ୍ର ୩ ବର୍ଷ ୮ ମାସ ବୟସର ପୁଅ ଏଭଳି ମାରାତ୍ମକ ରୋଗରେ ଛଟପଟ ହେଉଥିବା ବେଳେ ପରିବାର ଆର୍ଥିକ ସାହାଯ୍ୟ ଅପେକ୍ଷାରେ ଅଛନ୍ତି । ସୂଚନାନୁସାରେ ସତ୍ୟ ଶ୍ରମିକ କାମ କରି ପରିବାର ପ୍ରତିପୋଷଣ କରନ୍ତି । ବିବାହ ଚାରିବର୍ଷ ପରେ ଜନ୍ମଗ୍ରହଣ କରିଛି ପୁଅ । ପୁଅ ଜନ୍ମ ହେବା ସମୟରୁ ସବୁ କିଛି ଠିକଠାକ ଚାଲିଲା । ଗତ ଜାନୁଆରୀ ମାସରେ ପୁଅ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ପରିବାର ଲୋକେ ବୁର୍ଲା ଭିମ୍ସାର ନେଇଥିଲେ । ଡାକ୍ତର ଚିକିତ୍ସା ପରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରି ତାଙ୍କୁ ରକ୍ତ କର୍କଟ ରୋଗ ସନ୍ଦେହ କରି କଟକ ନେବାକୁ ପରାମର୍ଶ ଦେଇଥିଲେ । ଏହାପରେ ପରିବାର ଲୋକେ ଶିଶୁର ଚିକିତ୍ସା ପାଇଁ କଟକ ଶିଶୁ ଭବନ ଯାଇଥିଲେ । ସେଠାରେ ବିଭିନ୍ନ ପରୀକ୍ଷା ପରେ ଶିଶୁକୁ ରକ୍ତ କର୍କଟ ହୋଇଥିବା ସ୍ପଷ୍ଟ ହୋଇଥିଲା । ସେଠାରେ ପ୍ରାୟ ୧୫ଦିନ ଚିକିତ୍ସା କରାଇଥଲେ ପରିବାର । ଏହାପରେ ପୁଣି ଘରକୁ ଚାଲି ଆସିଥିଲେ । କିଛିଦିନ ଶିଶୁର ସ୍ୱାସ୍ଥ୍ୟ ଠିକଠାକ ରହିବା ପରେ ହଠାତ ଗୁରୁତର ହୋଇ ପଡ଼ିଥିଲା । ପୁଣି ଶିଶୁକୁ ଭିମସାରରେ ଭର୍ତ୍ତି ଯାଇଥିଲା । ଏବେ ଶିଶୁକୁ ରାୟପୁରର ଏକ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । କିନ୍ତୁ ଶିଶୁକୁ ଉନ୍ନତ ମାନର ଚିକିତ୍ସା ଯୋଗାଇବା ପାଇଁ ପରିବାରର ଆର୍ଥିକ ସ୍ଥିତି ବଧା ସାଜୁଛି । ଶିଶୁର ଚିକିତ୍ସା ପାଇଁ ଏବେ ପରିବାର ଅର୍ଥିକ ସହାୟତା ଅପେକ୍ଷାରେ ରହିଛନ୍ତି । ଏହା ଖବର ଜାଣିବା ପରେ ସର୍ବ ପ୍ରଥମେ ବୁର୍ଲା ସହରର ସ୍ୱେଚ୍ଛାସେବୀ ସଙ୍ଗଠନ ଏକତା ମଂଚ ତରଫରୁ ସଭାପତି ପ୍ରଦୀପ କୁମାର ମିଶ୍ରଙ୍କ ନେତୃତ୍ୱରେ ସଂଗଠନ ର ସମସ୍ତ ସଦସ୍ୟ ଶିଶୁର ଘରେ ପହଚିଂ ତାର ସ୍ୱାସ୍ଥ୍ୟ ବସ୍ଥା ସମ୍ପର୍କରେ ପରିବାର ଲୋକଙ୍କ ସହିତ ଆଲୋଚନା କରି କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ମଂଚ ଏତିକିରେ ଚୁପ ବସିନଥିଲା ଏହାପରେ ବିଭିନ୍ନ ସମାଜିକ ଗଣମାଧ୍ୟମ ରେ ଏହି ଖବର ପ୍ରଚାର କରି ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲା । ଲୋକେ ଏକତା ମଂଚର ଅନୁରୋଧ ଅନୁସାରେ ଶିଶୁର ମାଆ ଙ୍କ ଆକାଉଣ୍ଟକୁ ୟୁପିଆଇ ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହାପାରେ ପୁଣି ଶିଶୁର ଚିକିତ୍ସା ପାଇଁ ଆହୁରି ଆର୍ଥ ଆବଶ୍ୟକ ଥିବାରୁ ବୁର୍ଲା ଏକତା ମଂଚ ସହରର ପେଟ୍ରୋଲ ପମ୍ପ ଛକରେ ଏକ ତମ୍ବୁ ଲଗାଇ ସେଠାରେ ଶିଶୁର ରୋଗ ସମ୍ପର୍କରେ ଏକ ସୂଚନା ଫଳକ ଲଗାଇ ପୁଣି ଆର୍ଥିକ ସହାୟତା ଭିକ୍ଷା କରିଛି । ଏଥିରେ ସହରର ବିଭିନ୍ନ ବିଶ୍ୱବିଦ୍ୟାଳୟ ରେ ଅଧ୍ୟୟନ ରତ ଛାତ୍ରଛାତ୍ରୀ, ପୁଲିସ, ଡାକ୍ତର, ନର୍ସିଂହୋମ ମାଲିକଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକ ଆସି ନିଜର ସାମର୍ଥ୍ୟ ଆନୁସାରେ ସହାୟତା ରାଶି ପ୍ରଦାନ କରିଛନ୍ତି । ତେବେ ଏହି ସହାୟତା ଅଭିଯାନରେ ସଂଗୃହିତ ହୋଇଥିବା ୫୭,୩୯୮ଟଙ୍କା କୁ ଏକତା ମଂଚ ସଂଗ୍ରହ କରି ଶିଶୁର ଚିକିତ୍ସା ପାଇଁ ତାଙ୍କ ମାଆଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଥିବା ଜଣାପଡିଛି । ତେବେ ଆଜିର ଏହି ଅଭିଯାନରେ ବୁର୍ଲା ଏକତା ମଂଚ ସଭାପତି ପ୍ରଦୀପ କୁମାର ମିଶ୍ର, ଉପଦେଷ୍ଟା ମଣ୍ଡଳୀ ପ୍ରଫୁଲ୍ଲ ନାୟକ, ଅଶ୍ୱିନୀ ଚୌଧୁରୀ, ନବ ରାଉତ, ଦିଜ ରାଉତ,ବୈଶାକୁ କଲେତ, ତ୍ରାହିକର ଡୁଙ୍ଗୁରି, ଅଶୋକ ସାହୁ, ସୁବ୍ରତ କୁମାର ପଟ୍ଟନାୟକ (ଭୀମ),ଚିନ୍ନ ନାୟକ,ସମ୍ପାଦକ ଗିରଜା ନାୟକ,ରବି ମହାପାତ୍ର, ମନୋଜ ମହାନ୍ତି,ନମ୍ରସକାନ୍ତ ପଟ୍ଟନାୟକ,ଶାନ୍ତିଲତା କର, ଶିବ ଦଳେଇ, ଅନିତା ନାଏକ, ମନରଞ୍ଜନ ପଟ୍ଟନାୟକ, ପ୍ରଭାତ ପଟ୍ଟନାୟକ,ରୋମୀ ମହାପାତ୍ର, ଡ଼ି .କ୍ରିଷ୍ଣା ରେଡି, ସୁଶାନ୍ତ ବେହେରା , ସୁବୋଧ ଦାସ, ରିସବ ପଟ୍ଟ ବିହାର, ଶ୍ୟାମ ନାଏକ, ଠାକୁର ବାଘ,ଚୈତନ୍ୟ ଭୋଇ,ସୁନିତା କ୍ଷେତ୍ରୀ, ରୁନୁ ନାଏକ, ରାକ୍ମଣୀ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ।

ଜାତିଗତ ଜନ ଗଣନାର ୧୨ ନମ୍ବର କଲମରେ ପଚାରା ଯାଉଥିବା ପ୍ରଶ୍ନରେ ଓବିସି ସାମିଲ କରିବା ଦାବି ନେଇ ରାଜଧାନୀରେ ବିକ୍ଷୋଭ ଓ ଧାରଣା

ସମ୍ବଲପୁର,୨୪/୪(ନି/ପ୍ର): ଚଳିତ ଜାତିଗତ ଜନ ଗଣନାର କେନ୍ଦ୍ର ସରକାରଙ୍କ ୧୨ ନମ୍ବର କଲମ ଏବଂ ରାଜ୍ୟସରକାର ଙ୍କ ୧୩ ନମ୍ବର କଲମ ରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) କୁ ଯୋଡ଼ା ଯିବା ଦାବି ରାଜ୍ୟ ଓବିସି ମଂଚ ପକ୍ଷରୁ ରାଜଧାନୀ ଭୁବନେଶ୍ୱର ରେ ବିକ୍ଷୋଭ ଓ ଧାରଣା ଅନୁଷ୍ଠିତ ହୋଇଥିଲା ଓ ଏହି ଧାରଣା ରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଶହ ଶହ ସଂଖ୍ୟା ରେ ଓବିସି କର୍ମୀ, କର୍ମକର୍ତ୍ତା ଓ ନେତୃବର୍ଗ ସାମିଲ ହୋଇ କେନ୍ଦ୍ର ସରକାର ଙ୍କ ଏହି କାଳ କ୍ଷେପଣ ନୀତି କୁ ସମାଲୋଚନା କରିଥିଲେ ଓ ମଂଚର ରାଜ୍ୟ ସଭାପତି ଶଙ୍କର କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ ସଭାରେ ସରକାର ଙ୍କ ପକ୍ଷରୁ ଜନ ଗଣନା ପାଇଁ ଉଦ୍ଦିଷ୍ଟ ପ୍ରଥମ ପର୍ଯ୍ୟାୟ ଗୃହ ଗଣନା ଫର୍ମ ରେ ଓବିସି ବର୍ଗ ଙ୍କୁ ଜାତି ଭିତିକ ଗଣନାରେ ରଖି ନ ଥିବାରୁ ଦୃଢ଼ ନିନ୍ଦା କରାଯିବା ସହିତ ଏହାର ସଂଶୋଧନ ଦାବି କରାଯାଇଥିଲା ଓ ଏହି ବିକ୍ଷୋଭ ସଭାରେ ଶୁଭେନ୍ଦୁ ସାହୁ, ନାରେନ ସାହୁ, ପ୍ରତାପ ବାରିକ, କୁଳମଣି ବାରିକ, ନିର୍ମଳ ଯତି, ଅନାଦି ସାହୁ, ରଞ୍ଜିତା ରାଣୀ ପ୍ରଧାନ, ସୁଧାଂଶୁ ଶେଖର ମହାରଣା, କୃପାସିନ୍ଧୁ ଖମାରି, ଶରତ ପ୍ରଧାନ, ମଧୁସୂଦନ ଯାଦବ, ଜନ ବାଦୀ ଗୌଡ଼, ଅକ୍ଷୟ ବାରିକ, କୃତିବାସ ପ୍ରଧାନ, ସୁଧାଂଶୁ ପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ସରୋଜ ସାହୁ ଙ୍କ ସଂଯୋଜନା ରେ ଏକ ରେଲି ମାଷ୍ଟର କେଣ୍ଟିନ ଛକ ରୁ ବାହାରି ବିକ୍ଷୋଭ ସ୍ଥଳୀରେ ସାମିଲ ହୋଇଥିଲା ଓ ମଂଚର ରାଜ୍ୟ ପ୍ରବକ୍ତା ଶ୍ରୀ ବିରଞ୍ଚି ସାହୁ ସଭାର ଉଦେଶ୍ୟ ଜ୍ଞାପନ କରିଥିବାବେଳେ ସଭା ଶେଷରେ ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ଓ ଏହାପରେ ରାଜ୍ୟ ଓବିସି ମଂଚ ଏକ ପ୍ରତିନିଧି ଦଳ ମହାମହିମ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଦିଆଯାଇଥିବା ଦାବି ପତ୍ରକୁ ରାଜଭବନ ରେ ପ୍ରଦାନ କରିଥିଲେ ।

ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟର ସେକ୍ସନ ଅଫିସର ଭିଜିଲାନ୍ସ ଜାଲରେ

ଝାରସୁଗୁଡ଼ା,୨୪/୪(ନି/ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆଜି ଏକ ବଡ଼ ଧରଣର ଭିଜିଲାନ୍ସ ଚଢ଼ାଉ କରାଯାଇଛି ।ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସେକ୍ସନ ଅଫିସର ଅନିତ କୁମାର ଗୁରୁଙ୍କୁ ୨,୫୦୦ ଟଙ୍କା ଲାଂଚ ନେଉଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଜି ଏନ ଏମ୍ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପି ଏଚ୍ ସି ଏବଂ ସି ଏଚ୍ ସି ରେ ପ୍ରାକ୍ଟିକାଲ ଟ୍ରେନିଂ ପାଇଁ ଅନୁମତି ଦେବା ନିମନ୍ତେ ଆବେଦନ ପ୍ରକ୍ରିୟା ଜାରି ରହିଥିଲା । ଏହି କାର୍ଯ୍ୟ ପାଇଁ ଶ୍ରୀ ଗୁରୁ ଜଣେ ନର୍ସିଂ ସ୍କୁଲ ଶିକ୍ଷକଙ୍କୁ ଦୀର୍ଘ ଦିନ ଧରି ହଇରାଣ କରିବା ସହ ୨,୫୦୦ ଟଙ୍କା ଲାଂଚ ଦାବି କରିଆସୁଥିଲେ । ପୂର୍ବରୁ ମଧ ଜିଲ୍ଲାର ଅନ୍ୟ ନର୍ସିଂ ସ୍କୁଲଗୁଡ଼ିକୁ ସମାନ ଢଙ୍ଗରେ ହଇରାଣ କରୁଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା । ଲାଂଚ ଦାବିରେ ଅତିଷ୍ଠ ହୋଇ ସମ୍ପୃକ୍ତ ଶିକ୍ଷକ ଜଣକ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ପୂର୍ବ ଯୋଜନା ଅନୁଯାୟୀ, ଆଜି ଅପରାହ୍ନରେ ଶ୍ରୀ ଗୁରୁ ଲାଂଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା । ତାଙ୍କ ନିକଟରୁ ସମସ୍ତ ଚିହ୍ନିତ ଲାଂଚ ଟଙ୍କା ଜବତ କରାଯାଇଛି । ଏହି ଟ୍ରାପ୍ ପରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ଗୁରୁଙ୍କ ସହ ଜଡ଼ିତ ଦୁଇଟି ପୃଥକ ସ୍ଥାନରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଚଢ଼ାଉ ଜାରି ରହିଛି । ଏହି ମାମଲାରେ ରାଉରକେଲା ଭିଜିଲାନ୍ସ ଥାନାରେ କେସ୍ ନଂ ୦୨, ତା- ୨୨.୦୪.୨୦୨୬, ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ ର ଧାରା ୭ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି । ବର୍ତ୍ତମାନ ଘଟଣାର ଅଧିକ ତଦନ୍ତ ଚାଲିଥିବା ବେଳେ ବିସ୍ତୃତ ରିପୋର୍ଟକୁ ଅପେକ୍ଷା କରାଯାଇଛି ।

ଆଗୁଆ ହୋଇପାରେ ଖରା ଛୁଟି

ଭୁବନେଶ୍ୱର,୨୪/୪(ନି/ପ୍ର):ଆଗୁଆ ହେବ ଖରା ଛୁଟି । ଦିନ ଦୁଇ ଦିନ ମଧ୍ୟରେ ସ୍କୁଲରେ ଆଗୁଆ ଖରାଛୁଟି ନେଇ ଚୂଡାନ୍ତ ନିଷ୍ପତି ନିଆଯିବ । ରାଜସ୍ୱ ବିଭାଗ ଏବଂ ଗଣ ଶିକ୍ଷା ବିଭାଗ ଆଲୋଚନା ପରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପ୍ରସ୍ତାବ ପଠାଯାଇଛି । ଏସମ୍ପର୍କରେ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଆଜି ଗଣ ଶିକ୍ଷା ବିଭାଗ, ରାଜସ୍ୱ ବିଭାଗ ଏବଂ ଏସଆରସିଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଛି । ବୈଠକ ପରେ ଆଗୁଆ ଛୁଟି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିକଟକୁ ପ୍ରସ୍ତାବ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଦିନେ ଦୁଇ ଦିନ ଭିତରେ ନିଷ୍ପତି ନେଇପାରନ୍ତି ।

ଜାନକୀ ବଲ୍ଲଭ ପଟ୍ଟନାୟକ ମରଣଜୟୀ

କେନ୍ଦ୍ରାପଡ଼ା, ୨୪/୪(ନି/ପ୍ର): ପ୍ରଜ୍ଞା ପୁରୁଷ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୧ତମ ଶ୍ରାଦ୍ଧବାର୍ଷିକୀ କେନ୍ଦ୍ରାପଡ଼ା ସ୍ମୃତି ପରିଷଦ ଆନୁକୂଲ୍ୟରେ ପରିଷଦର ସଭାପତି ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ସକାଳେ ତିନିମୁହାଣୀସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଏବଂ ପରେ ପରେ ମୂକ ବଧିର ଛାତ୍ର ଛାତ୍ରମାନଙ୍କ ମଧ୍ୟରେ ଶୁଖିଲା ଖାଦ୍ୟ ବଂଟାଯାଇଥିଲା । ଗରାପୁର ରାଜୀବ କେନ୍ଦ୍ର ଠାରେ ବୃକ୍ଷରୋପଣ ସହ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟ ଅତିଥି ବିଧାୟକ ଗଣେଶ୍ୱର ବେହେରା ଶ୍ରୀ ପଟ୍ଟନାୟକଙ୍କୁ ଜଣେ ଗଣତନ୍ତ୍ରବିଶ୍ୱାସୀ ରାଜନେତା ଭାବରେ ବର୍ଣ୍ଣନା କରିବା ସହ ରାଜନୀତିରେ ଉଚ୍ଚଶିକ୍ଷିତ ତଥା କଳଙ୍କହୀନ ଯୁବକମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରୁଥିଲେ । ନେତୃତ୍ୱରେ ଶୂନ୍ୟସ୍ଥାନ ନରହୁଥିଲା ତାଙ୍କର ଲକ୍ଷ୍ୟ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ପୂର୍ବତନ ବିଧାୟକ ଡକ୍ଟର ସିପ୍ରା ମଲ୍ଲିକ, ପ୍ରଫେସର ନନ୍ଦ କିଶୋର ପରିଡ଼ା, ଶିକ୍ଷାବିତ ପ୍ରଫେସର ଅଜୟ ସାମଲ, ଅଧ୍ୟାପକ ଡକ୍ଟର ଗିରିଶ ପାତ୍ର, ମାର୍କ୍ସବାଦି କମ୍ୟୁନିଷ୍ଟ ନେତା ଗୟାଧର ଧଳ, ଭାରତର କମ୍ୟୁନିଷ୍ଟ ପାର୍ଟି ନେତା ଆଦିକନ୍ଦ ଧଳ, ଆପ୍‌ର ଜିଲ୍ଲା ସଭାପତି ସନ୍ଦୀପ ଦାସ, ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ବିଜେଡି ନେତା ମୁକ୍ତାର ଖାଁ, ବିଜେଡି ନେତା ତଥା କୋଷାଧକ୍ଷ ଉମା ଶଙ୍କର ଜେନା, ସରପଂଚ ଲୋହିତ ମହାନ୍ତି, ପୂର୍ବତନ ବ୍ଲକ ସଭାପତି ଚିତ୍ରସେନ ପରିଡ଼ା, ପୂର୍ବତନ ୱାର୍ଡ ସଭ୍ୟ ଶରତ ବେଉରା, ଯୁବ ବିଜେଡି ନେତା ରତିକାନ୍ତ ସାମଲ ପ୍ରମୁଖ ଶ୍ରଦ୍ଧା ନିବେଦନ କରି ଜାନକୀ ବଲ୍ଲଭ ପଟ୍ଟନାୟକ ମରଣଜୟୀ ବୋଲି ଅଭିହିତ କରିଥିଲେ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ରାଜେଶ ପଣ୍ଡା , ହିବଜୁର ରେହମାନ, ସସ୍ମିତ ଶ୍ରୀଚନ୍ଦନ, ମୃତ୍ୟୁଞ୍ଜୟ ମହାନ୍ତି, ମହମ୍ମଦ ଇସାକ, ଫକୀର ଚରଣ ଖଟୁଆ, ଡକ୍ଟର ଚୈତନ ପରିଡ଼ା, ଟୁକୁନି ସିଂହ, ଚନ୍ଦନ ଦାଶ, କମଳାକାନ୍ତ ବେହେରା, ଆଇଏସ୍ ଖାଁ, ଅଜୟ ସାମଲ, ସତ୍ୟରଞ୍ଜନ ପରିଡ଼ା, ସେଖ ଇସମାଇଲ, ମହମ୍ମଦ ଅଫଜଲ, ଜାହୀଦ ରହେମନ, ପ୍ରଶାନ୍ତ ବରାଳ, ଶରତ ମହାନ୍ତି, ସୁରେଶ ଚନ୍ଦ୍ର ମହାନ୍ତି, ପିତାମ୍ବର ଜେନା, ଭୀମକାନ୍ତ ପ୍ରଧାନ, ଗୋଲଖ ବିହାରୀ ସାହୁ, ଅଜୟ ପ୍ରଧାନ, କଳ୍ପତରୁ ଦାସ, ସେଖ ଆଜମାତୁଲ୍ଲା ଓ ପୃଥ୍ୱୀରାଜ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ସମ୍ପାଦନରେ ସହଯୋଗ କରିଥିଲେ ।

୨୭ ଯାଏଁ ଘୁଂଚିଲା ସ୍କୁଲ ଛୁଟି

ସମ୍ବଲପୁର,୨୪/୪(ନି/ପ୍ର): ଦିନକୁ ଦିନ ଖରାର ପ୍ରକୋପ ବଢ଼ିବା ସହ ଅସହ୍ୟ ତାତି ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରି ଦେଇଛି । ସୁରକ୍ଷା ଦୃଷ୍ଟିରୁ ସମ୍ବଲପୁର ଜିଲ୍ଲାପାଳ ବୋଲିରାମ ବୋନ୍ଦରଙ୍କ ନିର୍ଦ୍ଦେଶ କ୍ରମେ ଭିଡଭାଡ ସମସ୍ତ ଅଂଚଳରେ ପାନୀୟ ଜଳର ବ୍ୟବସ୍ଥା, ଖରାରେ ମୂର୍ଚ୍ଛା ଜନିତ ରୋଗୀଙ୍କୁ ତ୍ୱରିତ ଚିକିତ୍ସା ସେବା ପାଇଁ ଜିଲ୍ଲାର ସମସ୍ତ ଡାକ୍ତରଖାନା ଗୁଡ଼ିକରେ ଅତିରିକ୍ତ ଶଯ୍ୟା ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଖରାର ଉଗ୍ରରୂପକୁ ଦେଖି ଜିଲ୍ଲାର ସମସ୍ତ ସରକାରୀ ବେସରକାରୀ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟ ଗୁଡ଼ିକୁ ଜିଲ୍ଲା ଶିକ୍ଷାଧିକାରୀ ଯେଉଁ ୩ ଦିନିଆ ଛୁଟି ଘୋଷଣା କରିଥିଲେ ତାହାକୁ ଏପ୍ରିଲ ୨୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲାପାଳ ବର୍ଦ୍ଧିତ କରିଛନ୍ତି । ଶ୍ରମିକ ତଥା ଦୀନ ମଜୁରିଆ ନିଜ ସୁରକ୍ଷାକୁ ଦେଖି କାର୍ଯ୍ୟ କରିପାରନ୍ତି ମାତ୍ର ଦିନ ୧୧ ଠାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ବିନା କାର୍ଯ୍ୟରେ କେହି ପଦାକୁ ନ ବାହାରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

ରାଜ୍ୟ ରାଜପଥ ଉପରେ ଦୁଇ ଗଜରାଜଙ୍କ ଆତଙ୍କ, ଭଙ୍ଗାରୁଜା କଲେ ଉଦ୍ୟାନ ବିଭାଗର ବଗିଚା

ଘୁ.ଉଦୟଗିରି,୨୪/୪(ନି/ପ୍ର):କନ୍ଧମାଳଜିଲ୍ଲା ଘୁମୁସର ଉଦୟଗିରି ଅଂଚଳରେ ହାତୀ ଆତଙ୍କ ପିଛା ଛାଡୁନି । ଜଙ୍ଗଲରୁ ଗାଁ ଏବଂ ଏବେ ସହର ମୁହାଁ ହେଲେଣି ଦୁଇ ଦନ୍ତା ହାତୀ । ଲୋକେ ଆତଙ୍କିତ । ରାତିସାରା ହାତୀ ଭୟରେ ଜୀବନ କାଟୁଛନ୍ତି ସହର ତଳିଆ ଅଂଚଳବାସୀ ।ହାତୀ ପାଇଁ ବନବିଭାଗର ନିଦ ହଜି ଗଲାଣି । କେତେ ବେଳେ କେଉଁ ଦିଗରେ ଗତି କରୁଛି କେଉଁଠି କି ଯାଉଛି କେଉଁଠି ରହୁଛି ସଠିକ ଖବର ମିଳୁନି । ଦୁଇ ଦିନ ହେଲା ସ୍ଥାନୀୟ ସହରର ୪ନଂ ୱାର୍ଡ ଶ୍ରୀରାମପଦା ଆଦର୍ଶ ବିଦ୍ୟାଳୟରୁ ୧ନଂ ୱାର୍ଡ ପଦାସାହି, ପାଜିମାହା ଏବଂ ପିଡ଼ିକାମାହା ଅଂଚଳରେ ଚକର କାଟୁଛି ।ସଞ୍ଜ ନଇଁଲେ ହାତୀ ସହର ମୁହାଁ ହେବାରେ ଲାଗୁଛି । ଦୁଇଟି ଦନ୍ତା ଗତକାଲି ସନ୍ଧ୍ୟାରୁ ସହରର ୧ନଂ ୱାର୍ଡ ପଦାସାହିକୁ ଆସି ଉତ୍ପାତ ଚଳେଇଥିବା ବେଳେ ଖବର ପାଇ ବନ ବିଭାଗ ରେଞ୍ଜର ମାନିକେଶ୍ୱରୀ ପଟ୍ଟନାୟକ ନିଜର କର୍ମଚାରୀଙ୍କୁ ଧରି ହାତୀ ଥିବା ସ୍ଥାନରେ ପହଚିଂ ଦୁଇ ଦଳ ଡ୍ରୋନ୍ ସାହାଯ୍ୟରେ ହାତୀର ଗତିବିଧି ଲକ୍ଷ କରି ହାତୀ କୁ ଘଉଡେଇବା ପ୍ରୟାସ କରିଥିବା ବେଳେ ଦୁଇ ଦନ୍ତା ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଏବଂ ବଗିଚାରେ ପଶି ତାର ବାଡ଼ ନଷ୍ଟ କରିବା ସହ ସେଠାରେ ଥିବା ପ୍ଲାଷ୍ଟିକ ଡ୍ରମ କୁ ଭାଙ୍ଗି ଦେଇଥିଲେ । ସେଇଭଳି ଆରଆରଟିଟିଏସ କାର୍ଯ୍ୟାଳୟ ଏବଂ ବଗିଚାରେ ମଧ ତାର ବାଡ଼ ଗେଟ କ୍ଷତି କରିଥିବା ଦେଖିବାକୁ ମିଳିଛି । ରାତି ସାଢ଼େ ଗୋଟେରେ ଦୁଇ ଦନ୍ତା ରାଜ୍ୟ ରାଜପଥ କଳିଙ୍ଗା ଘୁ.ଉଦୟଗିରି ମୁଖ୍ୟ ସଡ଼କକୁ ଚାଲି ଆସିଥିଲେ । ଫଳରେ ରାସ୍ତାରେ ଯାତାୟତ କରୁଥିବା ଗାଡି ମଟର ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ବେଳେ ଦୁଇ ଦନ୍ତା ଲୋକଙ୍କ ଭିଡ଼ ଦେଖି ଲୋକଙ୍କୁ ବି ଦୌଡେଇ ଥିଲା । କିଛି ସମୟ ପାଇଁ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଅନ୍ୟପଟେ କିଛି ଦିନ ହେଲା ପଦାସାହି ମୁଖ୍ୟ ସଡ଼କରେ ଲାଗିଥିବା ସାହି ଆଲୁଅ ନ ଜଳିବା ଯୋଗୁଁ ମୁଖ୍ୟ ସଡ଼କ ସମ୍ପୂର୍ଣ୍ଣ ଅନ୍ଧକାରରେ ରହିଛି ।ହାତୀ ଭୟକୁ ଅନ୍ଧାର ଲୋକ ପୁରା ଭୟଭୀତ । ତୁରନ୍ତ ଦୁଇ ଦନ୍ତା ହାତୀଙ୍କୁ ଜଙ୍ଗଲ ଭିତରକୁ ଘଉଡେଇବା ପାଇଁ ଅଂଚଳବାସୀ ଦାବି କରିଛନ୍ତି ।ସଞ୍ଜ ନଇଁଲେ ହାତୀ ଭୟରେ ଲୋକ ଘରୁ ବାହାରିବାକୁ ଭୟ କରୁଥିବା ବେଳେ କଦଳୀ ଏବଂ ମକା ଲାଗିଥିବା ବଗିଚାରେ କଦଳୀ ମକା ଖାଇବା ଆଶାରେ ଭିତରେ ପଶି ବ୍ୟାପକ କ୍ଷୟକ୍ଷତି କରୁଥିବା ଯୋଗୁଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

ପୋଷଣ ପଖୱାଡା-୨୦୨୬ ଅନ୍ତର୍ଗତ 'ମା ଏବଂ ଶିଶୁ ପୁଷ୍ଟିସାର' ସମ୍ପର୍କିତ ସଚେତନତା

ସମ୍ବଲପୁର,୨୪/୪(ନି/ପ୍ର): ୮ତମ ପୋଷଣ ପଖୱାଡା ୨୦୨୬ ପାଳନର ଏକ ଅଂଶ ସ୍ୱରୂପ ସମ୍ବଲପୁରରେ ଏପ୍ରିଲ ୯ ତାରିଖରୁ ଏପ୍ରିଲ ୨୩ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି । ଏହି ଅବସରରେ ସମ୍ବଲପୁର ଡିଭିଜନାଲ ରେଳ ହସ୍ପିଟାଲରେ 'ମା ଏବଂ ଶିଶୁ ପୁଷ୍ଟିସାର' ବିଷୟବସ୍ତୁ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡକ୍ଟର ଟି.ଏସ.ଜି. ଅର୍ଜୁନ, ଏଡିଏମଓ (ପିଡିଆଟ୍ରିକ୍ସ)/ ସମ୍ବଲପୁରଙ୍କ ଦ୍ୱାରା ଏକ ସୂଚନାପ୍ରଦ ସଚେତନତା ଆଲୋଚନା କରାଯାଇଥିଲା, ସେ ଶୈଶବର ପ୍ରାରମ୍ଭିକ ଦିନ ଗୁଡ଼ିକରେ ଉପଯୁକ୍ତ ପୁଷ୍ଟିସାରର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।। ସେ ଆଲୋକପାତ କରିଥିଲେ ଯେ ସନ୍ତୁଳିତ ପୁଷ୍ଟିସାର ସୁସ୍ଥ ଶାରୀରିକ ବିକାଶ ସହିତ ପିଲାମାନଙ୍କର ମାନସିକ, ମନସ୍ତାତ୍ୱିକ ଏବଂ ସାମାଜିକ ବିକାଶ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସଚେତନତା ଅଧିବେଶନ ପରେ, ଅଂଶଗ୍ରହଣକାରୀ ପିଲାମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଯାଂଚ ଶିବିର ଆୟୋଜନ କରାଯାଇଥିଲା, ଯାହା ସେମାନଙ୍କୁ ଆବଶ୍ୟକୀୟ ଡାକ୍ତରୀ ମୂଲ୍ୟାଙ୍କନ ଏବଂ ମାର୍ଗଦର୍ଶନ ପ୍ରଦାନ କରିଥିଲା । ଏହି କାର୍ଯ୍ୟକ୍ରମରେ ମୋଟ ୪୭ ଜଣ ହିତାଧିକାରୀ ଯୋଗ ଦେଇଥିଲେ ଏବଂ ସଚେତନତା ଅଧିବେଶନ ଏବଂ ସ୍ୱାସ୍ଥ୍ୟ ପରୀକ୍ଷାର ଲାଭ ଉଠାଇଥିଲେ । ଏହି ପଦକ୍ଷେପ ସ୍ୱାସ୍ଥ୍ୟ ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ କେନ୍ଦ୍ରିତ ପ୍ରସାର କାର୍ଯ୍ୟକ୍ରମ ମାଧ୍ୟମରେ ମା' ଏବଂ ଶିଶୁଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

କାମାକ୍ଷାନଗରରେ ଜନଗଣନା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ, ବନ୍ଧା ହେଲେ ବାପା ଓ ୨ ପୁଅ



କାମାକ୍ଷାନଗର,୨୪/୪(ନି/ପ୍ର): କାମାକ୍ଷାନଗର ଏନଏସି ୩ ନମ୍ବର ୱାର୍ଡ ମହିମାନଗର ସାହିରେ ବୁଧବାର ସକାଳେ ଜନଗଣନା କାର୍ଯ୍ୟ କରିବାକୁ ଯାଇଥିବା ୪ କର୍ମଚାରୀଙ୍କୁ ଗୋଟିଏ ପରିବାର ଲୋକ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ମରଣାତ୍ମକ ଆକ୍ରମଣ କରିବାସହ ମହିଳା କର୍ମଚାରୀଙ୍କ ସ୍କୁଟି ଭାଙ୍ଗି ଚୁରମାର କରିଥିଲେ । ଆକ୍ରମଣରେ ୪ଜଣ ଜନଗଣନା କର୍ମଚାରୀଆହତ ହୋଇଥିବା ବେଳେ ଏଥିରେ ୨ଜଣ ମହିଳା କର୍ମଚାରୀ ଅଛନ୍ତି । ଆହତ ଅଧିକାରୀମାନେ ହେଲେ ରଘୁନାଥ ଦୀକ୍ଷିତ, ମଧୁସ୍ମିତା ବେହେରା,ସ୍ୱର୍ଣ୍ଣଲତା ସାହୁ ଓ ସତିଶ ବିରେନ ବେହେରା । ପ୍ରକାଶ କର୍ମଚାରୀ ମାନେ ଜନଗଣନା କାର୍ଯ୍ୟ ପାଇଁ ନିକୁଞ୍ଜ ରମଣ ଶତପଥୀଙ୍କ ଘରେ ପହଚିଂ ଗେଟ ଠକ୍ ଠକ୍ କରିବା ମାତ୍ରେ ନିକୁଞ୍ଜ ଓ ତାଙ୍କ ଦୁଇ ପୁଅ ଭାନୁ ପ୍ରସାଦ ଶତପଥୀ,ଉଦିତ ସ୍ୱପ୍ନ ଶତପଥି ହଠାତ ଦୁଇ ପୁରୁଷ କର୍ମଚାରୀଙ୍କୁ ଅସଭ୍ୟ ଭାଷାରେ ଗାଳି କରିବାସହ ସଂଘବଦ୍ଧ ଆକ୍ରମଣ କରିଥିଲେ ।ଏଥିରେ ସର୍କଲ ୨ ଜନଗଣନା ସୁପରଭାଇଜର ମଧୁସ୍ମିତା ବେହେରା ବିରୋଧ କରିବାରୁ ତାଙ୍କୁ ମଧ ଆକ୍ରମଣ କରିବାକୁ ପଛାଇ ନଥିଲେ । ଫଳରେ ତାଙ୍କର ମୁହଁରେ ଆଘାତ ଲାଗିବା ସହ ଅନ୍ୟ କର୍ମଚାରୀଙ୍କୁ ପଥର ଧରି ମାରିବାକୁ ଗୋଡାଇଥିବା କହିଛନ୍ତି । ସେମାନଙ୍କ ଆକ୍ରମଣରେ ମଧୁସ୍ମିତାଙ୍କ ସ୍କୁଟିଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି । ଅଭିଯୋଗ ପରେ ବାପା ଓ ଦୁଇ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି କାମାକ୍ଷାନଗର ଥାନା ପୁଲିସ ।

ସଂଗୀତ ତରଙ୍ଗ ମ୍ୟୁଜିକ କ୍ଲବର ଏ ଜୀବନ ମାନେ ନୁହେଁ ଆହା କାର୍ଯ୍ୟକ୍ରମ

ରାଉରକେଲା,୨୪/୪(ନି/ପ୍ର): ରାଉରକେଲା ଇସ୍ପାତ ସହରର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସଙ୍ଗୀତ ତରଙ୍ଗ ମ୍ୟୁଜିକ୍ କ୍ଲବ୍' (ସଙ୍ଗୀତ ତରଙ୍ଗ ସାମାଜିକ ସାଂସ୍କୃତିକ ଟ୍ରଷ୍ଟ, ରାଉରକେଲା ର ଏକ ଅଙ୍ଗ) ର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଓଡ଼ିଶା ଦିବସ' ଜର୍ମାନ କ୍ଲବ୍ ଠାରେ ନିକଟରେ ସମାରୋହରେ ପାଳିତ ହୋଇଯାଇଛି ।ଡାମିଟ୍ସ ର ଅଧ୍ୟକ୍ଷ ତଥା ରାଉରକେଲା ଆଇନ୍ ମହାବିଦ୍ୟାଳୟର ସଭାପତି ଡ ଯତୀନ୍ଦ୍ର ନାୟକ ମୁଖ୍ୟ ଅତିଥି ତଥା ବିଶିଷ୍ଟ ସଂଗୀତ ପରିଚାଳକ ତଥା ଗୀତାର ବାଦକ ସୁଦୂର ମୁମ୍ବାଇ ରୁ ଦେବ ରଞ୍ଜନ ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ନାୟକ , ସମ୍ମାନିତ ଅତିଥି ଶ୍ରୀ ମହାପାତ୍ର, ଅନୁଷ୍ଠାନର ଅଧ୍ୟକ୍ଷ ଲାୟନ ବିନୋଦ ମାହୁନ୍ତ, ଆରଏସପିର ସିଜିଏମ ତଥା ଅନୁଷ୍ଠାନର ଉପଦେଷ୍ଟା ଏସ୍. ରାୟ ଚୌଧୁରୀ, ସଂଚାର ବିଭାଗ ର ମହାପ୍ରବନ୍ଧକ ଅର୍ଚ୍ଚନା ଶତପଥୀ, , ପ୍ରମେୟ ରାଉରକେଲା ମୁଖ୍ୟ ମନୋରଞ୍ଜନ ଦାଶ,ଓ. ଏସ. ଏ. ପି. ହସ୍ପିଟାଲ ର ଡାକ୍ତର ପି କେ ଦାସ , ସମାଜସେବୀ ଜିତେନ୍ଦ୍ର ପ୍ରସାଦ ତଥା ଆଇଜିଏଚ ର ନିର୍ଦ୍ଦେଶକ ଡାକ୍ତର ଜୟନ୍ତ ଆଚାର୍ଯ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟନିର୍ବାହୀ ସଭ୍ୟ ସମୁହ ପ୍ରଦୀପ ପ୍ରଜ୍ୱଳନ ସହ ଶୁଭାରମ୍ଭ କରିଥିଲେ ।ଅତିଥିମାନେ ସଙ୍ଗୀତ ତରଙ୍ଗ ମ୍ୟୁଜିକ୍ କ୍ଲବର ନିଆରା ଅନୁଚିନ୍ତା, ଅବଦାନ ତଥା ଉଦ୍ଦେଶ୍ୟର ଉଚ୍ଚ ପ୍ରଶଂସା କରିଥିଲେ । ସାଧାରଣ ସମ୍ପାଦକ ସନ୍ତୋଷ ଦାସ ଓଡ଼ିଶା ଦିବସର ବିଶେଷତ୍ୱ, ଓଡ଼ିଆ ଭାଷା - ସାହିତ୍ୟ - ସଂସ୍କୃତି ତଥା ଅତ୍ୟାଧୁନିକ ଯୁଗରେ ଏହା ପ୍ରତି ଆମର କର୍ତ୍ତବ୍ୟ ସହିତ ଅନୁଷ୍ଠାନର ସୃଷ୍ଟି, ଉଦ୍ଦେଶ୍ୟ, ଯୋଜନା ସମ୍ପର୍କରେ ସଂକ୍ଷେପରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ସଦସ୍ୟ କଳାକାର ମାନେ ଓଡ଼ିଶାର ସଂସ୍କୃତି, ଗୌରବମୟ ଇତିହାସ ଉପରେ ଆଧାରିତ ଏକ ବିଶେଷ ଗୀତ 'ଓଡିଶା ଆମ ଓଡିଶା ' ପରିବେଷଣ ପୂର୍ବକ ଓଡ଼ିଶା ମାଟି ମାଆ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମର ପ୍ରସଙ୍ଗ ଗୀତ 'ଏ ଜୀବନ ମାନେ ନୁହେଁ ଆହା' ସହିତ ପ୍ରଖ୍ୟାତ ବଲିଉଡ଼ ଗାୟିକା ଆଶା ଭୋସଲେଙ୍କ ଉଦ୍ଦେଶ୍ୟରେ ଅର୍ପିତ 'ଜହ୍ନ ଗୋ ତୁମେ ଝୁରନା' ତଥା ଓଡ଼ିଶାର ଲୋକପ୍ରିୟ ଗାୟକ ହ୍ୟୁମାନ ସାଗରଙ୍କ ଉଦ୍ଦେଶ୍ୟରେ ଅର୍ପିତ 'ନିଶ୍ୱାସ ତୋ ବିନା ମୋର ଚାଲେନା' ଉଚ୍ଚ ପ୍ରଶଂସିତ ହୋଇଥିଲା ।ପୁରୁଣା - ନୂଆ ବିଭିନ୍ନ ସ୍ୱାଦର ଅନେକ ଲୋକପ୍ରିୟ ଓଡ଼ିଆ କଥାଚିତ୍ର ଗୀତ ଯଥା ସେଇ ଦୀପ ଅଛି ସେଇ ଫୁଲ ଅଛି, ସକାଳର ପହିଲି ଗାଡ଼ିରେ, ସୀମାହୀନ ଦରିଆ, ଇନ୍ଦ୍ରଧନୁର ସପ୍ତ ରଙ୍ଗ, ମାୟାବିନୀ ବନ ଜୋଛନା, ଏମିତି ରାତି, ମୁଁ ପରଦେଶୀ ଚଢ଼େଇ, ମୋ ଦୁନିଆ ତୁ ହି ତୁ, ତୁ ଚାଲୁଥିଲୁ ତୋ ବାଟରେ, ଦିନ ସରେ ନାହିଁ, ହୁକୁ ହୁକୁ ହାଏ, ବାଟରେ ଚାଲୁ ଚାଲୁ, ସୁନ୍ଦରୀ ହେଲି ମୁଁ ଆଜି, ତମେ ଯଦି ଗଢ଼ି ଦେବ, ହଳଦୀ ବସନ୍ତ ଚଢ଼େଇ ଆଦି ଗୀତ ପରିବେଷଣ କରି କଳାକାର ମାନେ ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ । ଦର୍ଶକଙ୍କ ବାରମ୍ବାର ଅନୁରୋଧ କ୍ରମେ ସମ୍ବଲପୁରୀ ଲୋକପ୍ରିୟ ଗୀତ ହେଲୋ ରାନୀ...ମୋର ଡାର୍ଲିଂଗ ଗୀତରେ ଦର୍ଶକ ଝୁମି ଉଠିଥିଲେ । ମାଉଥ ହରମୋନିଅମ ରେ ଲୋକପ୍ରିୟ ଗୀତ 'ମୁଁ ଯେ ଏକ ପାଗଳ ଭଅଁର'ର ଧୁନ୍ ପରିବେଷଣ କରି ଲାୟନ ମାହୁନ୍ତ ଦର୍ଶକଙ୍କୁ ଆନନ୍ଦ ବିଭୋର କରିଦେଇଥିଲେ । ବଂଶୀ ଓ ସେକ୍ସୋଫୋନର ଯୁଗ୍ମ ପରିବେଷଣରେ 'ବାଜେ ବଇଁଶୀ ନାଚେ ଘୁଙ୍ଗୁର' ଗୀତ ର ଧୁନ୍ ପରିବେଷଣ କରି ବଲ୍ଲିତ୍ ସିଂହ୍ ଓ ଡା ଜୟନ୍ତ ଆଚାର୍ଯ୍ୟ ଦର୍ଶକଙ୍କୁ ମନ୍ତ୍ର ମୁଗ୍ଧ କରିଥିଲେ ।ସନ୍ଧ୍ୟାର କଳାକାର ମାନେ ଥିଲେ ବାଦ୍ୟ ଯନ୍ତ୍ରରେ ମାଷ୍ଟର ଅରନ୍ୟା ମୁଖାର୍ଜୀ, ସବ୍ୟସାଚୀ ଦାସ, ରମେଶ ଟିକିରା, ରଜତ ପଣ୍ଡା, ନରେନ୍ଦ୍ର, ଶ୍ରୀନିବାସ ଓ ମୋତି ଭାଇ ସହଯୋଗ କରିଥିଲାବେଳେ। କଣ୍ଠ ଶିଳ୍ପୀ ସୋମା ରାୟ ଚୌଧୁରୀ, ଅର୍ଚ୍ଚନା ଶତପଥୀ, ସଙ୍ଗୀତା, ମିନତୀ, ଝୁନୁ, ଓ ଶୁଭଶ୍ରୀ ସର୍ବଶ୍ରୀ ତପନ ନାୟକ, ସନ୍ତୋଷ ଦାସ, ସତ୍ୟବ୍ରତ ମହାନ୍ତି, ଜଗନ୍ନାଥ ସାହୁ, ମନୋରଞ୍ଜନ ଦାଶ,ଏସ୍. ରାୟ ଚୌଧୁରୀ , ଡକ୍ଟର୍ ପି କେ ସାହୁ, ଡକ୍ଟର୍ ପି କେ ଦାସ, ଲାୟନ ବିନୋଦ ମାହୁନ୍ତ, ଡକ୍ଟର୍ ଜୟନ୍ତ ଆଚାର୍ଯ୍ୟ, ବାଲଜିତ ସିଂ, ଅଶ୍ୱିନୀ, ଅଶୋକ, ନରେନ୍ଦ୍ର, ପ୍ରଭାତ, ବିକାଶ, ସୌମେନ୍ଦ୍ର ଓ ହଲିନ୍ଦର୍ ବଡାଇକ୍ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ ।ଶୁଭଶ୍ରୀ ଦାସଙ୍କ ମଂଚ ସଚାଂଳନ ବେଶ୍ ପ୍ରଶଂସିତ ହୋଇଥିଲା । ଅନୁଷ୍ଠାନର ସଭାପତି ତପନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ମାନବ ଏକତା ଦିବସରେ ସନ୍ଥ ନିରଙ୍କରୀ ମିଶନ ଦ୍ୱାରା ରକ୍ତଦାନ ଶିବିର

ରାଉରକେଲା,୨୪/୪(ନି/ପ୍ର): ସନ୍ଥ ନିରଙ୍କରୀ ସତ୍ସଙ୍ଗ ଭବନରେ ଆଜି ମାନବ ଏକତା ଦିବସ ଅବସରରେ ସନ୍ଥ ନିରଙ୍କରୀ ଚାରିଟେବଲ୍ ଫାଉଣ୍ଡେସନ୍ ଦ୍ୱାରା ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଅବସରରେ, ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଫିତା କାଟିବା ସହିତ ରକ୍ତଦାନ ଶିବିର ଏବଂ ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଉରକେଲାର ସନ୍ଥ ନିରଙ୍କରୀ ମିଶନ ସଂଯୋଜକ ରାମେଶ୍ୱର ସାହୁ, କୁଳମଣି ଜେନା, କାର୍ଯ୍ୟକ୍ରମ ସଂଯୋଜକ ବ୍ରିଜେଶ ମହାତୋ, ସନ୍ତୋଷ ସ୍ୱାଇଁ, ରାଉରକେଲା ସରକାରୀ ହସ୍ପିଟାଲ ନିର୍ଦ୍ଦେଶକ ଆନନ୍ଦ ଗୋପାଳ ମହାନ୍ତି ଏବଂ ରକ୍ତଭଣ୍ଡାର ଟେକ୍ନିସିଆନଙ୍କ ଏକ ଦଳ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ରକ୍ତଦାନଠାରୁ ବଡ଼ ଦାନ ଆଉ କିଛି ନାହିଁ। ଆପଣଙ୍କ ରକ୍ତ ଜଣେ ବ୍ୟକ୍ତିଙ୍କ ଜୀବନ ରକ୍ଷା କରିପାରିବ । ପ୍ରତ୍ୟେକ ବ୍ୟକ୍ତି ରକ୍ତଦାନ କରିବା ଉଚିତ । ସେ ସନ୍ଥ ନିରଙ୍କରୀ ମିଶନ ଦ୍ୱାରା ଆୟୋଜିତ ପ୍ରଦର୍ଶନୀ ମଧ୍ୟ ପରିଦର୍ଶନ କରିଥିଲେ । ଏହି ଅବସରରେ, କାର୍ଯ୍ୟକ୍ରମର ସଂଯୋଜକ ବ୍ରିଜେଶ ମହାତୋ କହିଥିଲେ ଯେ ଆଜି ସନ୍ଥ ନିରଙ୍କରୀ ମିଶନ ମାନବ ଏକତା ଦିବସରେ ସାରା ଭାରତରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ସାରା ଭାରତରୁ ଏକ ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ କରିବାକୁ ନିଷ୍ପତି ନିଆଯାଇଛି, ଯାହା ସାରା ଭାରତରେ ଆୟୋଜନ କରାଯାଉଛି । ରକ୍ତଦାନ ଶିବିର ସମୟରେ ଏହା ସହିତ ଏକ ସତସଙ୍ଗ ମଧ୍ୟ ଆୟୋଜନ କରାଯାଇଥିଲା । ଏହି ରକ୍ତଦାନ ଶିବିରରେ ଶହ ଶହ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ରାଉରକେଲା ସମେତ ସମଗ୍ର ଜିଲ୍ଲାରୁ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।କାର୍ଯ୍ୟକ୍ରମରେ ହାଲକା ଖାଦ୍ୟ ସହ ଘୋଳଦହି ଏବଂ ଭୋଜନର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ବିଜୟ ମହାପାତ୍ର, ସନ୍ତୋଷ ସ୍ୱାଇଁ, ଦାମୋଦର ସାହୁ, ବିଜୟ ମହାପାତ୍ର, ମମତା ପାତ୍ର ଏବଂ ସନ୍ଥ ନିରଙ୍କାରୀ ମିଶନର ଅନ୍ୟାନ୍ୟ ସଦସ୍ୟମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ।

ପୋଷଣ ପକ୍ଷ ପାଳନ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା,୨୪/୪(ନି/ପ୍ର): ସାରା ଦେଶରେ ଚାଲିଥିବା ପୋଷଣ ପକ୍ଷ ପାଳନର ଶେଷ ଦିନ ଅବସରରେ ଗୁରୁବାର ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଯୁବ ରେଡ୍କ୍ରସ୍ ଓ ଜାତୀୟ ସେବା ଯୋଜନା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସସ୍ମିତା ସାମଲ ଅଧ୍ୟକ୍ଷତା କରିଥିଲେ । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ଶୁଭଜ୍ୟୋତି ମହାପାତ୍ର ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ । ଡ.ସାମଲ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାର କାର୍ଯ୍ୟକାରୀତା ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ବକ୍ତାଭାବରେ ଶିକ୍ଷା ବିଭାଗର ମୁଖ୍ୟ ଲଳିତା ମୁକ୍ତା ବାର୍ଲା ଯୋଗଦେଇ ପୋଷଣ ଯୋଜନାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ସନ୍ଦର୍ଭ ପାଠ କରିଥିଲେ । ଅନ୍ୟତମ ବକ୍ତାଭାବେ ଗୃହ ବିଜ୍ଞାନ ବିଭାଗର ଅଧ୍ୟାପିକା ଲିପିକା ଖମାରୀ ଶିଶୁ ଏବଂ ମା'ମାନଙ୍କର ପୋଷଣ ସମ୍ପର୍କରେ ବିଭିନ୍ନ ଉପାଦେୟ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଜାତୀୟ ସେବା ଯୋଜନାର ଅନ୍ୟତମ କାର୍ଯ୍ୟକାରୀ ଅଧିକାରୀ ଡ. ସୋନିଆ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ଯୁବ ରେଡ୍କ୍ରସ୍ ସଂଯୋଜିକା ଡ.ସ୍ମୃତି ସ୍ନିଗ୍ଧା ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

ବିଜ୍ଞପ୍ତି ବିରୋଧରେ ଦାୟର ମାମଲା ହାଇକୋର୍ଟରେ ଖାରଜ : ରାଉରକେଲା ମହାନଗର ନିଗମ ନିର୍ବାଚନ ପାଇଁ ପଥ ପରିଷ୍କାର

ରାଉରକେଲା,୨୪/୪(ନି/ପ୍ର): ରାଉରକେଲା ମହାନଗର ନିଗମ(ଆରଏମ୍ସି) ନିର୍ବାଚନ ପାଇଁ ପଥ ପରିଷ୍କାର ହୋଇଯାଇଛି । ଅନ୍ୟାନ୍ୟ ମହାନଗର ନିଗମ ସହିତ ରାଉରକେଲା ମହାନଗର ନିଗମର ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାରେ କୌଣସି ଅସୁବିଧା ନାହିଁ। ରାଉରକେଲା ମହାନଗର ନିଗମ ପାଇଁ ଓଡିଶା ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ବିରୋଧରେ ଓଡିଶା ଉଚ୍ଚ ନ୍ୟାୟାଳୟରେ ହୋଇଥିବା ଆବେଦନକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି । ଏଥିସହିତ ନିର୍ବାଚନ ପାଇଁ ଥିବା ବାଧା ଦୂର ହୋଇଛି । ରାଉରକେଲା ପୌର ନିଗମ ଗଠନ ସଂପର୍କିତ ବିଜ୍ଞପ୍ତିକୁ କାୟମ ରଖିବା ସହିତ ବିଜ୍ଞପ୍ତି ବିରୋଧରେ ହୋଇଥିବା ଦୁଇଟି ମାମଲାକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି । ଏଥିସହିତ ଏ ସମ୍ପର୍କିତ ୨୦୧୪ ନଭେମ୍ବର ୪ ଓ ୧୪ ତାରିଖରେ ବିଜ୍ଞପ୍ତି ଉପରେ ରହିତାଦେଶ ଜାରି କରି ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ନିର୍ଦ୍ଦେଶକୁ ଓଡିଶା ଉଚ୍ଚ ନ୍ୟାୟାଳୟ ଉଠାଇ ଦେଇଛନ୍ତି । ୨୦୧୫ରୁ ବିଚାରାଧୀନ ଏ ସମ୍ପର୍କିତ ଦୁଇ ମାମଲାକୁ ଜଷ୍ଟିସ ଆର. କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରିବା ସହିତ ପୂର୍ବରୁ ଦେଇଥିବା ଅନ୍ତରୀଣ ଆଦେଶ ଉଠାଇବାକୁ କହିଛନ୍ତି । ଏଥିସହିତ ରାଉରକେଲା ପୌର ନିଗମ ନିର୍ବାଚନ କରିବାକୁ ଓଡିଶା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ନିବରଣୀରୁ ପ୍ରକାଶ ଯେ, ରାଉରକେଲା ପୌର ପରିଷଦର ୩୩ଟି ୱାର୍ଡ ସହିତ କେତେକ ପଚାଂୟତକୁ ପୌର ନିଗମରେ ଅନ୍ତର୍ଭୁକ୍ତ କରି ୨୦୧୪, ନଭେମ୍ବର ୧୪ରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ପ୍ରକାଶ କରିଥିଲା ଓ ନୂଆ କରି ସାମିଲ ହୋଇଥିବା କେତେକ ପଚାଂୟତର ବାସିନ୍ଦାଙ୍କ ତରଫରୁ ଏହି ବିଜ୍ଞପ୍ତିକୁ ବିରୋଧ କରି ୨୦୧୫ରେ ଓଡିଶା ଉଚ୍ଚ ନ୍ୟାୟାଳୟରେ ଦୁଇଟି ମାମଲା ଦାୟର କରିଥିଲେ । ଏହାକୁ ଗ୍ରହଣ କରି ୨୦୧୫ ମାର୍ଚ୍ଚ ୨୬ ତାରିଖରେ ଓଡିଶା ଉଚ୍ଚ ନ୍ୟାୟାଳୟ ମାମଲାର ଶୁଣାଣି କରି ୨୦୧୪ର ବିଜ୍ଞପ୍ତି ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ ଓ ମାମଲା ବିଚାରାଧୀନ ଥିବା ବେଳେ ଅନ୍ତରୀଣ ରହିତାଦେଶ ଯୋଗୁଁ ରାଉରକେଲା ମହାନଗର ନିଗମ ନିର୍ବାଚନ ହୋଇପାରୁ ନଥିଲା ।

ସ୍ୱସ୍ତି ଝଙ୍କାରର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ଚତୁର୍ଥ ସନ୍ଧ୍ୟାରେ ମଚଂସ୍ଥ ହେଲା ନାଟକ 'କଳାମଲ୍ଲୀ'

ରାଉରକେଲା,୨୪/୪(ନି/ପ୍ର): ସ୍ୱସ୍ତି ଝଙ୍କାର ଆୟୋଜିତ ରାଜ୍ୟ ସ୍ତରୀୟ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଦମନଯୋଡିର ପଚଂପଚ୍ଚମାଳି ନାଟ୍ୟ ମହୋତ୍ସବ ଦ୍ୱାରା ପ୍ରସ୍ତୁତ ନାଟକ କଳାମଲ୍ଲୀ ମଚଂସ୍ଥ ହୋଇଥିଲା । ନାଟ୍ୟକାର ସୁଶାନ୍ତ କୁମାର ଦାସ ନାଟକ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଶେଷଦେବ ଶତପଥି । ମଚଂ ସଜ୍ଜା କେ. ନାରାୟଣ ପାତ୍ର କରିଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ଶକ୍ତି ପ୍ରସାଦ ମିଶ୍ର କ୍ଷ ବିଭିନ୍ନ ଭୂମିକା ରେ ଶ୍ରୀକାନ୍ତ ସାହୁ, ମୁରଲୀଧର ଦାସ, ଚିତରଞ୍ଜନ ଦାଶ, ଉନ୍ନମ ପଟ୍ଟନାୟକ, ନିର୍ମଳ କୁମାର ରାଉତ, ଏନ. ରବି କୁମାର, ସୁନୀଲ କୁମାର ଦାଶ, ଅଲେଖ ଚନ୍ଦ୍ର ମହାକୁଡ଼, ପଚାଂନନ ସେଠୁଆ, ସାଇ ସୁମନ ଦାଶ, ସସ୍ମିତା ଦାଶ , ବିଦ୍ୟା ମିଶ୍ର, ସ୍ୱାତି ଲଗ୍ନା ସାହୁ, ଶକୁନ୍ତଳା ପଣ୍ଡା, ସସ୍ମିତା ସେଠୁଆ, କଳ୍ପନା ପଟ୍ଟନାୟକ, ଶୀତେଶ ପଟ୍ଟନାୟକ, ମମତା ବେହେରା, ଏନ. ରେଣୁକା, ସୋମ୍ୟା ପ୍ରିୟଦର୍ଶିନୀ ସାହୁ, ସୁଶ୍ରୀ ସଂଗୀତା ଦାଶ, ବବିତା ସାହୁ, ଦେବାଂଶୁ ଦାଶ, ଶିବାଙ୍ଗୀ ପଟ୍ଟନାୟକ, ଆର୍ଯ୍ୟନ ପ୍ରମୁଖ ଅଭିନୟ କରିଥିଲେ । କାର୍ଯ୍ୟକ୍ରମକୁ ଯୁବ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଇଂ ଜନ୍ମେଜୟ ମହାନ୍ତି ଉଦଘାଟନ କରିଥିଲେ । ମୁଖ୍ୟ ଦର୍ଶକ ଭାବେ ଇଂ.ନବଘନ ସାହୁ ଯୋଗ ଦେଇଥିଲେ । ଆଜି ନାଟକର ନିର୍ଦ୍ଦେଶକ ଶେଷଦେବ ଶତପଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ପ୍ରମୁଖ କର୍ମକର୍ତ୍ତା ଡ଼ ସୁଶାନ୍ତ କୁମାର ପାଣି ଏଥିରେ ଅଧ୍ୟକ୍ଷତା କରିବା ସହ ସଂଯୋଜନା କରିଥିଲେ । ଇଂ ଅଶୋକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ ନାୟକ, ବିଜୟ ପାତ୍ର, ପ୍ରଳୟ ଶତପଥି, କଲ୍ୟାଣୀ ଦାସ, ରୁନୁ ବେକ, ଡ଼ ଅଜୟ ମିଶ୍ର, ପ୍ରବୀର ଜେନା, ପ୍ରଜ୍ଞାନନ୍ଦ ମହାନ୍ତି, ସରୋଜ ଜେନା ପ୍ରମୁଖ ସହଯୋଗ କରିଥିଲେ ।

ଆମ୍କୋ- ସିମ୍କୋ ଶହୀଦ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ରାଉରକେଲା,୨୪/୪(ନି/ପ୍ର): ଆମ୍କୋ-ସିମ୍କୋ ଶହୀଦ ଦିବସ ପାଳନ ପାଇଁ ପାନପୋଷ ଉପଜିଲ୍ଲାପାଳ ତଥା ଆମ୍କୋ-ସିମ୍କୋ ଶହୀଦ ସ୍ମୃତି କମିଟି ଅଧ୍ୱକ୍ଷ ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନିଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ଶହୀଦ ସ୍ମୃତି କମିଟିର ସଂପାଦକ ପ୍ରସନ୍ନ କୁମାର ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଆମ୍କୋ-ସିମ୍କୋର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । । ବୈଠକରେ ପାନପୋଷ ଉପଜିଲ୍ଲାପାଳ ତଥା ଶହୀଦ ସ୍ମାରକୀ କମିଟିର ଅଧ୍ୱକ୍ଷ ଶ୍ରୀ ନାୟକ ଆଗାମି ଅପ୍ରିଲ ୨୫ ତାରିଖରେ ପାଳିତ ହେବାକୁ ଥିବା ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରି କହିଲେ ଯେ ଆଗାମି ଅପ୍ରିଲ ୨୫ ତାରିଖ ସକାଳ ୮ ଘଟିକା ସମୟରେ ବ୍ରାହ୍ମଣମରାର ଶହୀଦ ସମାଧିସ୍ଥଳ ଠାରେ ଏବଂ ସକାଳ ୯ ଘଟିକା ସମୟରେ ଆମ୍କେ-ସିମ୍କୋ ସ୍ମୃତି ପୀଠରେ ଶ୍ରଦ୍ଧାଂଜଳୀ ଅର୍ପଣ କରାଯିବ । ରାଜ୍ୟ ସରକାର ଆମ୍କୋ-ସିମ୍କୋକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ ସହ ଶହୀଦ ୪୯ ଜଣ ସଂଗ୍ରାମୀଙ୍କ ସ୍ମୃତି ରକ୍ଷା ପାଇଁ ଜାଲିଆନାୱାଲାବାଗ ଡାଂଚାରେ ଏକ ଭବ୍ୟ ସ୍ମୃତି ସ୍ତମ୍ଭ ନିର୍ମାଣ ଆମ ପାଇଁ ଗର୍ବ ଓ ଗୌରବର ବିଷୟ ଏବଂ ଖୁବ ଶିଘ୍ର ବେଦବ୍ୟାସ ଛକରେ ସ୍ୱାଧୀନତା ସଂଗ୍ରାମୀ ନିର୍ମଳ ମୁଣ୍ଡାଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ ପାଇଁ କାର୍ଯ୍ୟ ଆରମ୍ଭ ହେବ । ତେଣୁ ବାକିଥିବା ଅବଶିଷ୍ଟ କାମ ଶେଷ କରିବାକୁ ପିଏ ଆଇଟିଡିଏଙ୍କୁ ଅନୁରୋଧ କରାଯାଇଥିଲା । ବୈଠକରେ ଶହୀଦ ସ୍ମାରକୀ କମିଟିର ଉପାଧ୍ୱକ୍ଷ ପ୍ରଫେସର ବିଜୟ କୁମାର ଟପ୍ପୋ ନିଜ ବକ୍ତବ୍ୟରେ ଆମ୍କୋ-ସିମ୍କୋର ଦୀର୍ଘ ୫୦ ବର୍ଷର ଇତିହାସ ସଂପର୍କରେ ଅବଗତ କରାଇଥିଲେ । ଏଥି ସହିତ ଉକ୍ତ ପର୍ଯ୍ୟଟନ ସ୍ଥଳୀରେ ଜାଲିୱାନାୱାଲାବାଗ ଡାଂଚାରେ ନିର୍ମାଣ ଆରମ୍ଭ ହୋଇଥିବା ଶହୀଦ ସ୍ମୃତି ସ୍ତମ୍ଭକୁ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଉଦ୍ଘାଟିତ ହେବା ପାଇଁ ସ୍ଥିର କରାଯାଇଛି ବୋଲି କହିଥିଲେ । ଆମ୍କୋ-ସିମ୍କୋ ଓ ନିର୍ମଳ ମୁଣ୍ଡାଙ୍କ ପ୍ରତିମୂର୍ତ୍ତୀ ଏକା ସାଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍ଘାଟନ କରାଯିବା ପାଇଁ ବୈଠକରେ ସ୍ଥିରିକୃତ ହେଲା । ଆମ୍କୋ-ସିମ୍କୋକୁ ରାଜ୍ୟ ସରକାର ପର୍ଯ୍ୟଟନ ସ୍ଥଳୀରୁପେ ଘୋଷଣା କରିଥିବାରୁ ତୁରନ୍ତ ସେଠାରେ ସୁରକ୍ଷା ଦିଗକୁ ଦୃଷ୍ଟିରେ ରଖି ସୁନ୍ଦରଗଡ ଜିଲ୍ଲାପାଳଙ୍କୁ ବିଭିନ୍ନ କର୍ମଚାରୀଙ୍କ ଆବଶ୍ୟକତା ଏବଂ ଏକ ପୁଲିସ ଫାଣ୍ଡିର ଆବଶ୍ୟକତା ସଂପର୍କରେ ଏକ ଚିଠି ପ୍ରଦାନ କରାଗଲା ବୋଲି କହିଥିଲେ । ବୈଠକରେ ରାଏବଗା ଛକରେ ନିର୍ମିତ ଆମ୍କୋ-ସିମ୍କୋ ଗେଟକୁ ନୂତନ ଭାବେ ନିର୍ମାଣ କରିବାକୁ ବିଡିଓ କୁଆଁରମୁଣ୍ଡାଙ୍କୁ ଅନୁରୋଧ କରାଗଲା ଏବଂ ରାଉରକେଲାରୁ ଆମ୍କୋ-ସିମ୍କୋ ଯିବା ପାଇଁ ଆମ ବସ ସେବା ଯୋଗାଇଦେବା ପାଇଁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ଆନୁରୋଧ କରାଯାଇଛି ବୋଲି ବୈଠକରେ ସଂପାଦକ ଶ୍ରୀ ତ୍ରିପାଠୀ ସୂଚନା ପ୍ରଦାନ କରିଛନ୍ତି । ଏତଦ୍ ବ୍ୟତୀତ ଆମକୋ-ସିମକୋ ସ୍ମୃତି ପୀଠରେ ୧୦୦ ଫୁଟର ଏକ ତ୍ରିରଙ୍ଗା ପତାକା ଶିଘ୍ର ପ୍ରସ୍ତୁତ କରିବା ପାଇଁ ପିଏ. ଆଇଟିଡିଏକୁ ଅନୁରୋଧ କରାଗଲା ।ବୈଠକରେ ବିରମିତ୍ରପୁରସ୍ଥିତ ବ୍ରାହ୍ମଣମରା ସ୍ମୃତି ସ୍ଥଳୀର ରକ୍ଷଣା ବେକ୍ଷଣ ସହ ସେଠାକୁ ଯିବା ପାଇଁ ଏକ ପକ୍କା ରାସ୍ତା ଏବଂ ସେଠାକାର ଉନ୍ନତି କରଣ ପାଇଁ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଗଲା । ବୈଠକରେ ପୂର୍ବତନ ବିଧାୟକ ଶଙ୍କର ଓରାମ, ବିରମିତ୍ରପୁର ପୌରାଧ୍ୱକ୍ଷ ସନ୍ଦିପ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୱକ୍ଷ ସୁଷମା ନାୟକ, ପୂର୍ବତନ ବ୍ଲକ ଉପାଧ୍ୱକ୍ଷ ଏସ.ଏସ.ସାହୁ, ପିଏ. ଆଇଟିଡିଏ ବିକ୍ରାଣି କିସପଟ୍ଟା,ବିରମିତ୍ରପୁର ପୌର ନିର୍ବାହୀ ଅଧିକାରୀ ୟାସେର ଅହମ୍ମଦ, ବିରମିତ୍ରପୁର ତହସିଲଦାର ଗୌରୀ ନାୟକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସୀମା 'ଟିମା ଏକ୍କା, ବରିଷ୍ଠ ସଦସ୍ୟ ଫ୍ଲାବିଆନୁସ ଏକ୍କା ଏବଂ ମଧୁସୂଦନ ଦାଶ ପ୍ରମୁଖ ଯୋଗଦେଇ ନିଜର ସୁଚନ୍ତିତ ମତପୋଷଣ କରିଥିଲେ । ଶେଷରେ ସଂପାଦକ ଶ୍ରୀ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ନେଇ ସହରରେ କୁଲର ବିକ୍ରି

ରାଉରକେଲା,୨୪/୪ :ଗ୍ରୀଷ୍ମ ପ୍ରବାହକୁ ନେଇ ରାଉରକେଲା ସହରରେ କୁଲର ବିକ୍ରି ଏବେ ଜୋରସୋରରେ ଚାଲିଛି । ସହରରେ ଦିନକୁ ଦିନ ଖରା ଓ ଗୁଳୁଗୁଳି ବଢୁଥିବା ବେଳେ ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି । ଅନ୍ୟପଟେ, ଖରା ରୁ ରକ୍ଷା ପାଇବା ପାଇଁ ଲୋକମାନେ କୁଲର ଏବଂ ଏସି କିଣୁଥିବା ଦେଖିବାକୁ ମିଳୁଛି । ରାଉରକେଲା ସହରରେ ୩,୦୦୦ ରୁ ଆରମ୍ଭ କରି ୨୦,୦୦୦ ପର୍ଯ୍ୟନ୍ତ କୁଲର ବିକ୍ରି ହେଉଛି । ଲୋକମାନେ ନିଜର ସାମର୍ଥ୍ୟ ଅନୁଯାୟୀ କୁଲର କିଣୁଛନ୍ତି । ସହରରେ ବିଭିନ୍ନ ବ୍ରାଣ୍ଡେଡ୍ କମ୍ପାନୀ ସହିତ ସ୍ଥାନୀୟ (ଲୋକାଲ୍) କମ୍ପାନୀର କୁଲର ମଧ୍ୟ ବହୁଳ ଭାବରେ ବିକ୍ରି ହେଉଛି । ଏଥର ନାଗପୁରୀ ବଡି କୁଲରର ଚାହିଦା ଅଧିକ ଦେଖିବାକୁ ମିଳୁଛି । ସହରର ବିଭିନ୍ନ ଇଲେକ୍ଟ୍ରୋନିକ୍ସ ଏବଂ କୁଲର ଦୋକାନଗୁଡ଼ିକରେ ଗ୍ରାହକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି ।